## ଅଭିଭାବକଙ୍କ ଦାବିକୁ ଗ୍ରହଣ କଲା ଜିଲ୍ଲା ଶିକ୍ଷା ବିଭାଗ

# ବିଦ୍ୟାଳୟରୁ ତାଲା ଖୋଲିଲା



### ମଧ୍ୟାହ୍ନଭୋଜନରୁ ବାଦ୍ ପଡିଲେ ଛାତ୍ରଛାତ୍ରୀ

### ତଦନ୍ତ ଦାବିକଲେ ଅଭିଭାବକ



**ସାକ୍ଷୀଗୋପାଳ,୧୧।୧୧(ସମିସ):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ପଞ୍ଚାୟତରେ ଥିବା ତୃତୀୟ ଦେବ ନୋଡାଲ ବିଦ୍ୟାନିକେତନରେ ଦୁଇ ଶିକ୍ଷକ ମଧ୍ୟରେ ବାଦ ବିବାଦ ଲାଗି ରହିଥିଲା । ଯାହା ଫଳରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ୧୩୭ ଜଣ ଛାତ୍ରଛାତ୍ରୀ ଶିକ୍ଷା ଦାନରୁ ଦୁଇ ମାସ ଧରି ବଞ୍ଚିତ ଥିଲେ । ଏହାର ସମାଧାନ ପାଇଁ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ଅଭିଭାବକମାନେ ଗତ ୮ ତାରିଖରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ଚାବି ପକାଇ ଧାରଣା ଦେଇଥିଲେ । ସୋମବାର ବିଦ୍ୟାଳୟ ଖୋଲିବା ସମୟ ହେବାରୁ ବିଦ୍ୟାଳୟ ଆଗରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ପ୍ରାର୍ଥନା କରିବା ସହ ବିଦ୍ୟାଳୟ ଆଗରେ ଧାଡି ହୋଇ ଶିକ୍ଷା ଦାନ ପାଇଁ ବସିଥିଲେ । କୌଣସି ଅଘଟଣ ଘଟିବାକୁ ଆଶଙ୍କା କରି ସେଠାରେ ପିପିଲ ଏସଡିପିଓ ବିରଞ୍ଚି ନାରାୟଣ ପତି ଓ ସତ୍ୟବାଦୀ ଥାନା ଅଧିକାରୀ ଉମେଶ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚିଥିଲେ । କିଛି ସମୟ ମଧ୍ୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ମାର୍ଥା, ଶୁକଳ ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ଶୁକଳ ସମିତି ସଭ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟିର ପୁରାତନ ସଦସ୍ୟ ବସନ୍ତ କୁମାର ବିଶ୍ୱାଳ, ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ, ସିଆରସିସି ଅନ୍ନଦା ସୁଆର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆଲେଚନାରେ ଯୋଗ ଦେଇଥିଲେ । ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯିବା ପରେ ଶେଷରେ ନିଷ୍ପତି ହୋଇଥିଲା ଯେ ବିଦ୍ୟାଳୟର ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଶିକ୍ଷକମାନେ ମିଳିତ ଭାବେ ବିଦ୍ୟାଳୟରେ ଛାତଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ଦାନ କରିବାକୁ ରାଜି ହୋଇଥିଲେ । ପ୍ରମୋଶନ ପାଇ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନେଇଥିବା ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ଅଭିଭାବକ ମାନେ ଦାବି କରିଥିଲେ। ଏଥିପାଇଁ ତିନିଦିନ ସମୟ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନେଇଥିବା ଅଭିଭାବକ ତଥା ସମିତିସଭ୍ୟ ବସନ୍ତ ବିଶ୍ୱାଳଙ୍କ ଠାରୁ ସୂଚନା ମିଳିଛି। ସେହିପରି ଆଜି ବିଦ୍ୟାଳୟ ଖୋଲାଥିଲେ ମଧ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବନ୍ଦ କରାଯାଇଥିବାରୁ ଏହାର ତଦନ୍ତ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ନାଥ, ବାବୁ ବେହେରା, କାଳୁ ବିଶ୍ୱାଳ, ଅଭିମନ୍ୟୁ ପରିଡା, ପ୍ରଶାନ୍ତ ନାଥ, ସତ୍ୟନାରାୟଣ ସେନାପତି, ଅନୁ ସେନାପତି, ଅଶୋକ ପଟ୍ଟନାୟକ ପ୍ରମୁଖ ଅଭିଭାବକ ବୈଠକରେ ଉପସ୍ଥିତ ରହିଥଲେ।

## ଜିଲ୍ଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ



**କଣାସ,୧୧।୧୧(ସମିସ):** କଣାସ ବ୍ଲକ ଗଡବଡପୁଟ ପଞ୍ଚାୟତ ଡେଲାଙ୍ଗ ଚାରିପଡା ଗ୍ରାମରେ ସୋମବାର ପୁରୀ ଜିଲ୍ଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋ ସମ୍ବର୍ଦ୍ଧନା ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ସର୍ବପ୍ରଥମେ ଗୋମାତାଙ୍କୁ ପୂଜା କରିଥିଲେ। ଅନ୍ୟତମ ଅତିଥିଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ଜିଲ୍ଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ, ପ୍ରାଣୀଧନ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ହାଡିବନ୍ଧୁ ଭୋଇ, ସିଡିଭିଓ ଡାକ୍ତର ଶରତ ଚନ୍ଦ୍ର ବେହେରା, ଏଡିଭିଓ ଡାକ୍ତର ବିଶ୍ୱରଂଜନ ବେହେରା, ଏଡିଭିଓ ଡାକ୍ତର ରମେଶ କୁମାର ପାଣିଗ୍ରାହୀ, ଏଡିଭିଓ ଡାକ୍ତର ସତ୍ୟବ୍ରତ ଦାସ, ବିଭିଓ ପିପିଲି ଡାକ୍ତର ଆଲୋକ ମିଶ୍ର, ବିଭିଓ ଡାକ୍ତର ବନିକାନ୍ତ ଖଟୁଆ, ବିଭିଓ ଡେଲାଙ୍ଗ ଡଃ ସୋମନାଥ ଦାସ, ଏଭିଏଏସ୍ କଣାସ ଡଃ ଅନୁଗତ ଜେନା, ଜିଏଏସ୍ କଣାସ ଡଃ ସୌମ୍ୟାଶାଶ୍ୱତୀ ଦାସ ପ୍ରଭୃତି ଯୋଗ ଦେଇଥିଲେ। ଅନେକ ଚାଷୀ ଓ ମହିଳାମାନେ ସେମାନେ ରଖିଥିବା ଗାଈ, ଛେଳି, ମେଣ୍ଢା, ବତକ, କୁକୁଡା ରଖିଥିବା ବେଳେ ସେମାନଙ୍କୁ କିକି ରୋଗ ହେଉଛି ତାହାର ପ୍ରତିକାର ଉପରେ ଆଲୋଚନା ହୋଇଥିଲା। ଚାଷୀମାନେ ରଖିଥିବା ଗାଈମାନଙ୍କୁ ଗୋ ସମ୍ବର୍ଦ୍ଧନା ଉତ୍ସବ ସ୍ଥଳକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଗାଈଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ଅନ୍ନପୂର୍ଣ୍ଣା ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

**ଚାରିଛକ,୧୧।୧୧(ସମିସ):** ନିମାପଡା ବ୍ଲକ ଚାରିଛକ ନିକଟସ୍ଥ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କଠାରୁ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ମାନପତ୍ର ସହିତ ନଗଦ ୨୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ୨୦୨୩-୨୪ ବର୍ଷରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ



ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ବିଭିନ୍ନ ସମୟରେ ପରିବେଶ ସଂରକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଦ୍ୟାଳୟକୁ ସବୁଜ ସୁନ୍ଦର କରାଯାଇଛି। ଏପରିକି ବିଦ୍ୟାଳୟ ସମେତ ବିଭିନ୍ନ ମଠ, ମନ୍ଦିର, ଖାଲି ସ୍ଥାନ, ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରାଯାଇଥିଲା। ପୁରୀ ଜିଲ୍ଲା ବନାଞ୍ଚଳର ଏକ ସ୍ୱତନ୍ତ୍ର ଟିମ ଆସି ଏହି ଉଚ୍ଚ ବିଦ୍ୟାଳୟ ତରଫରୁ କରାଯାଇଥିବା ପରିବେଶ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମକୁ ଟିକନିଖି ପରଖିଥିଲେ। ଏହି ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା ବିଦ୍ୟାଳୟର ପରିବେଶ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମରେ ଜଡିତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଏହି ପୁରସ୍କାର ଆଗାମୀ ଦିନେର ଅଧିକ ଭଲ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଛନ୍ତି।

## ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ୪୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ଓ ଜଳଯାତ୍ରା

**କଣାସ,୧୧।୧୧(ସମିସ):** କଣାସ ବ୍ଲକର ଆରାଧ୍ୟ ଠାକୁରାଣୀ କଣାସ ଗ୍ରାମରେ ଅବସ୍ଥାପିତ ଆଦ୍ୟାଶକ୍ତି ମା' କୁଞ୍ଜେଶ୍ୱରୀ ପୀଠରେ ଗତକାଲିଠାରୁ ୪୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଆଜି ସହସ୍ରାଧିକ ମହିଳା ଦୟା ନଦୀର ଦୋକନ୍ଦା ତୁଠ ଠାରୁ ପୂଜା ଅର୍ଚ୍ଚନା କରି ସାରିବାପରେ କୁମ୍ଭ ବୁଡାଇ ନାମସଂକୀର୍ତ୍ତନ ମଧ୍ୟରେ ଯଜ୍ଞସ୍ଥଳକୁ ଆସିଥିଲେ। ୧୫ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅଧିବାସ, ଅଙ୍କୁରାରୋପଣ, ଲକ୍ଷ୍ମୀନାରାୟଣ ପ୍ରାଣପ୍ରତିଷ୍ଠା, ଶାଳାମଣ୍ଡନ, ଶାଳାସୁଦ୍ଧି, ଜଳଯାତ୍ରା, ଗଙ୍ଗା ଆବାହନ, ଅଗ୍ନିସ୍ଥାପନ, ଚଣ୍ଡିପାଠ, ଗୀତାପାଠ, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଆହୂତି ପ୍ରଦାନ, ପଞ୍ଚକର୍ମ, ଷୋଡଶ ଉପଚାର ପୂଜା, ବିଷ୍ଣୁ ସହସ୍ର ନାମ, ଅଙ୍କୁର ପ୍ରଦିକ୍ଷଣ, କରକା ପ୍ରଦିକ୍ଷଣ, ଉପ.ରପୂଜା, ଗୀତା ଆହୂତି, ଶାଳା ଦେବତା ଆହୂତି, ଚତୁଃଷଷ୍ଠି ଯୋଗିନୀ ଆହୂତି, ସର୍ବଦେବା ଆହୂତି, ସନ୍ତାନ ଗୋପାଳ ପୂଜା ଆହୂତି, ପୂର୍ଣ୍ଣାହୂତି ଓ ଚରୁବଣ୍ଟ କରାଯାଇ ୧୫ତାରିଖ ଅପରାହ୍ଣରେ ଉଦ୍‌ଯାପନ କରାଯିବ । ପଣ୍ଡିତ କାଳିଚରଣ ପରମଗୁରୁଙ୍କ ତତ୍ତ୍ୱାବଧାନରେ ତାଙ୍କ ସହକର୍ମୀମାନେ ଯଜ୍ଞ ତୁଲାଉଛନ୍ତି। ଏହି କାର୍ଯ୍ୟରେ ବାହାରେ ଥିବା ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ଯୋଗଦେବା ପାଇଁ ମା' କୁଞ୍ଜେଶ୍ୱରୀ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ପ୍ରକୃତି ବନ୍ଧୁ ପୁରସ୍କାର ପାଇଲେ ଅମିତା



**କୃଷ୍ଣପ୍ରସାଦ,୧୧।୧୧(ସମିସ):** ପରିବେଶ ସୁରକ୍ଷା ଜୀବନ ରକ୍ଷାକୁ ବ୍ରତ ଭାବେ ଗ୍ରହଣ କରିଥିବା କୃଷ୍ଣପ୍ରସାଦ ବ୍ଲକ ବଡ଼ଝାଡ଼ ପଞ୍ଚାୟତ ଝାରକଟା ଗ୍ରାମର ମହିଳା ଅମିତା ତରେଇଙ୍କୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି । ପ୍ରାକୃତିକ ପରିବେଶର ସୁରକ୍ଷା ପାଇଁ ଅହରହ ସଂଗ୍ରାମ ଜାରି ରଖିଥିବା ସଂପୃକ୍ତ ମହିଳା ଜଣଙ୍କ ଚିଲିକା ରିଙ୍ଗ ବନ୍ଧ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରି ଏକ ସବୁଜ ପରିବେଶ ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏନେଇ ପ୍ରେରଣା ଦେଇ ଆସିଛନ୍ତି । ଦୀର୍ଘ ୬ବର୍ଷ ଧରି ସେ ବୃକ୍ଷ ରୋପଣ କାର୍ଯ୍ୟରେ ବ୍ରତୀ ଥିବା ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ପ୍ରକୃତିବନ୍ଧୁ ପୁରସ୍କାର ମିଳିବା ପରେ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି ।

## ପଞ୍ଚୁକରେ ଚଳଚଞ୍ଚଳ ଦେବାଦେବୀ ପୀଠ



**କୃଷ୍ଣପ୍ରସାଦ,୧୧।୧୧(ସମିସ):** ପବିତ୍ର କାର୍ତ୍ତିକ ମାସର ପଞ୍ଚକ ଅବସରରେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ସମସ୍ତ ଦେବାଦେବୀ ପୀଠ ଚଳଚଞ୍ଚଳ ହୋଇଉଠିଛି । ପ୍ରତ୍ୟେକ ପୀଠରେ ହୋମଯଜ୍ଞ, ହନୁମାନ ଚାଳିଶା ପଠନ, ପ୍ରବଚନ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେଉଅଛି । ସେହିପରି ପଞ୍ଚକ ଅବସରରେ ଶୈବପୀଠ ଗୁଡ଼ିକରେ ପୂଜାର୍ଚ୍ଚନା ଓ ବିଗ୍ରହଙ୍କ ନିକଟରେ ଭୋଗ ଲାଗି ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି । ଏପରିକି ଭୋର ସମୟରୁ ପ୍ରମୁଖ ଶୈବ ପୀଠ ଗୁଡ଼ିକରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ବିଗ୍ରହଙ୍କୁ ଦର୍ଶନ କରିଛନ୍ତି । କେତେକ ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜା ଯାଇଛି । ଅହୋରାତ୍ର ପୁରାଣ ପଠନ ଯୋଗୁଁ ସବୁଠି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଶ୍ରୀ ରଘୁନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀ ଅଣ୍ଡୁଆଁ ମୁଖ୍ୟ ପରିଚାଳକ ମହେଶ୍ୱର ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ଦେବାଦେବୀ ପୀଠ ପରିକ୍ରମା କରି ନାମ ପରିବେଷଣ କରିଥିଲେ । ପବିତ୍ର ଅଁଳା ନବମୀ ତିଥିରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମନ୍ଦିର ଗୁଡ଼ିକରେ ଗହଳିଚହଳି ଲାଗି ରହିବ ବୋଲି ଜଣାପଡ଼ିଛି । ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିବାରୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ମା' କାଳିଜାଈଙ୍କ ପୀଠ ସଂଲଗ୍ନ ପକ୍ଷୀ ଅଭୟାରଣ୍ୟ ନଳବଣକୁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି ।

## ଝୁଲନ୍ତା ମୃତଦେହ ଉଦ୍ଧାର

**କୋଣାର୍କ,୧୧।୧୧(ସମିସ):** କୋଣାର୍କ-କାକଟପୁର ରାସ୍ତା ପାର୍ଶ୍ୱରେ ଥିବା ଏକ ନିର୍ମାଣାଧୀନ କୋଠାରୁ ପୁଲିସ ସୋମବାର ଏକ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଉଛନ୍ତି କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମର ପ୍ରଦୀପ ମହାପାତ୍ର (୪୯) । ସେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। କୌଣସି କାରଣରୁ ରବିବାର ବିଳମ୍ବିତ ରାତିରେ ରାସ୍ତା କଡ଼ରେ ଅଟୋ ରିକ୍ସା ପାର୍କିଂ କରି ନିର୍ମାଣାଧୀନ ଘର ଭିତରେ ବେକରେ ଗାମୁଛା ଲଗାଇ ଝୁଲି ପଡିଥିôବା ଜଣାଯାଇଛି। ଖବର ପାଇ କୋଣାର୍କ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇଛି। କୋଣାର୍କ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସୂଚନା ଦେଇଛନ୍ତି।

## ଜାତୀୟ ଶିକ୍ଷା ଦିବସ ପାଳିତ

**ଡେଲାଙ୍ଗ,୧୧।୧୧(ସମିସ):** ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଦେଶ ସ୍ୱାଧିନ ହେବା ପରେ ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲନା ଅବଦୁଲ କାଲାମ ଆଜାଦ୍‌ଙ୍କ ଜନ୍ମଦିନକୁ ପ୍ରତିବର୍ଷ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଇଥାଏ। ଏହି ଅବସରରେ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଶିକ୍ଷକ ଟିକେଇ ଦଳେଇ, ମାନସ ସ୍ୱାଇଁ, ସୋମନାଥ ବେହେରା, ଅଜୟ ପ୍ରଧାନ, ପପ୍ଲିନ୍ ପ୍ରଧାନ, ସତ୍ୟଭମା ବେହେରା, ରୋଜାଲିନ୍ ମହାରଣା ପ୍ରମୁଖ ଯୋଗଦେଇ ଆମ ଦେଶରେ ଉତ୍ତମ ଶିକ୍ଷାନୀତିର ପ୍ରଚଳନ ପାଇଁ ସେ ସମୟରେ ମୌଲାନା ଅବଦୁଲଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସ୍କୁଟି ଡିକି ଭାଙ୍ଗି ୫୦ ହଜାର ଲୁଟ୍

**ଗୋପ,୧୧।୧୧(ସମିସ):** ସୋମବାର ମଧ୍ୟାହ୍ନରେ ଗୋପ-କୋଣାର୍କ ରାସ୍ତାର ବେଗୁନିଆଁ ଛକ ନିକଟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରୁ ସ୍କୁଟି ଡ଼ିକି ଭାଙ୍ଗି ୫୦ ହଜାର ଟଙ୍କା ଲୁଟ୍ ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ଗୋପ ପୁଲିସ୍ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବୀରତୁଙ୍ଗ ପଂଚାୟତ ସ୍ଥିତ ଗଡ଼କରମଳା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପରିଡ଼ା ଗୁହାଳ ଘର ନିର୍ମାଣ କରିବା ଲାଗି ଗୋପ ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଟଙ୍କା ଉଠାଇ ନିଜ ଘରକୁ ଫେରୁଥିଲେ। ମାତ୍ର ବେଗୁନିଆଁ ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନିକଟରେ ନିଜ ଭଉଣୀଙ୍କୁ ଦେଖା କରିବା ଲାଗି ଗ୍ରାମ୍ୟ ବ୍ୟାଙ୍କ ପରିସରକୁ ପ୍ରବେଶ କରିଥିଲେ। ମାତ୍ର ଦୁଇଜଣ ଦୁର୍ବୃତ୍ତ କଳା ପଲସର୍‌ରେ ଆସି ତତ୍‌କ୍ଷଣାତ ପୂର୍ଣ୍ଣଚନ୍ଦ୍ରଙ୍କ ଡ଼ିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ କିଛି ଯୁବକ ସେମାନଙ୍କୁ ପିଛା କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳି ନଥିଲା। ଏ ନେଇ ପୂର୍ଣ୍ଣଚନ୍ଦ୍ର ଗୋପ ଥାନାରେ ଲିଖିତ ଅଭିଯୋଗ କରିବାରେ ପୁଲିସ୍ ସିସିଟିଭି ଫୁଟେଜ୍ ସମେତ ବିଭିନ୍ନ ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଛି।

## ରସି ଲଗାଇ ୱାର୍ଡ ସଭ୍ୟଙ୍କ ଆତ୍ମହତ୍ୟା

**ଗୋପ,୧୧।୧୧(ସମିସ):** ରବିବାର ବିଳମ୍ବିତ ରାତିରେ ଗୋପ ଥାନା ଅଧିନ ବେଦପୁର ପଂଚାୟତ ସ୍ଥିତ ୧୩ ନଂ ୱାଡର୍ ବାଲିସାହି ଗ୍ରାମର ୱାଡର୍ ସଭ୍ୟ ପ୍ରଦୀପ୍ତ କୁମାର ବେହେରା (୨୮) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଗୋପ ଥାନା ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, କୌଣସି କାରଣରୁ ପ୍ରଦୀପ୍ତ ଗତକାଲି ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ଏ ନେଇ ପରିବାର ଲୋକେ ତାଙ୍କୁ ଡ଼ାକ୍ତରଖାନା ନେଇଥିଲେ ହେଁ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଗୋପ ପୁଲିସ୍ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡ଼ାକ୍ତରଖାନା ପଠାଇଥିଲା। ପ୍ରଦୀପ୍ତ ତିନି ବର୍ଷ ତଳେ ବିବାହ କରିଥିବାବେଳେ ତାଙ୍କର ଏକ ତେର ମାସର ପୁତ୍ର ସନ୍ତାନ ରହିଥିବା ଜଣାପଡ଼ିଛି। ପ୍ରଦୀପ୍ତଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## ଅଗ୍ନିଶ୍ରମ ଅଧିକାରୀଙ୍କୁ ପ୍ରକୃତିବନ୍ଧୁ ସମ୍ମାନ



**କଣାସ,୧୧।୧୧(ସମିସ):** କଣାସ ଦମକଳ କେନ୍ଦ୍ରର ହାବିଲଦାର ଭାବେ କାର୍ଯ୍ୟରତ ମହେଶ୍ୱର ପରିଡା ଚାକିରୀ ସମୟରେ ୧ ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ଏହି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସୋମବାର ଜିଲ୍ଲା ଡିଏଫଓଙ୍କ ଦ୍ୱାରା ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି।

### ● ପଲ୍ଲିଶ୍ରୀ ମେଳା ପଡିଆରେ କୁଢ଼କୁଢ଼ ଅଳିଆ

## ସଫା କରିବାକୁ ଭୁଲିଗଲା ପ୍ରଶାସନ

**ସାକ୍ଷୀଗୋପାଳ,୧୧।୧୧(ସମିସ):** ସାକ୍ଷୀଗୋପାଳରେ ପବିତ୍ର ଅଁଳାନବମୀ ଯାତ୍ରା ପରେ ପରେ ବଡ ଏକାଦଶୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ଦିନ ସାକ୍ଷୀଗୋପିନାଥଙ୍କୁ ଦର୍ଶନ କରିବା ସହ ଅନୁଷ୍ଠିତ ପଲ୍ଲିଶ୍ରୀ ମେଳାରେ ଭିଡ ପରିଲକ୍ଷିତ ହୋଇଥାଏ । ଅଁଳାନବମୀ ଦିନ ପଲ୍ଲିଶ୍ରୀ ମେଳାରେ ଗଦା ହୋଇଥିବା ଅଳିଆ ପ୍ରଶାସନ ଉଠାଇଲା ନାହିଁ । ଏବେ ପଡିଆରେ ସେହିଗୁଡିକ ପଡି ରହିଛି। ଏପରିକି ପଲ୍ଲିଶ୍ରୀ ମେଳାକୁ ଲାଗି ରହିଥବା ଓଡିଆ ବିଶ୍ୱିଦ୍ୟାଳୟର ମୁଖ୍ୟ ଗେଟ ନିକଟରେ କୁଢ଼ କୁଢ଼ ଅଳିଆ ପଡିଛି। ବଜାର ଠାରୁ ମନ୍ଦିର ଚତୁପାଶ୍ୱର୍ ସଫେଇ କରାଯାଇଛି। ମାତ୍ର ପଲ୍ଲିଶ୍ରୀ ମେଳା ଓ ମନ୍ଦିର ପଛ ପାଶ୍ୱର୍ ରାସ୍ତା ଉପରେ ଅଳିଆ ଆବର୍ଜନା ପଡିରହିଛି। କାହାରି ନଜର ପଡୁନାହିଁ। ସ୍ଥାନୀୟ ପ୍ରଶାସନର ଅପରାଗତ ଏବେ ପଦାରେ ପଡିଥିବା ଜଣାପଡିଛି ।

## ଦେବୀ ମୁହାଣରେ ବିଦେଶାଗତ ପକ୍ଷୀ



**ଅସ୍ତରଙ୍ଗ,୧୧।୧୧(ସମିସ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର ଉପକୂଳରେ ଥିବା ହେନ୍ତାଳ ଜଙ୍ଗଲ ପାଇଁ ଦେବୀ ନଦୀ ମୁହାଣ ପ୍ରସିଦ୍ଧି ଲାଭ କରିଛି। ବର୍ତ୍ତମାନ ଶୀତ ଦିନ ଆରମ୍ଭ ହୋଇଥିବା ବେଳେ ଏହି ମୁହାଣ ସଲଗ୍ନ ଅଞ୍ଚଳରେ ବିଦେଶାଗତ ପକ୍ଷୀଙ୍କର ସମାଗମ ହେଲାଣି । ସେମାନଙ୍କ କଳରବ ଏହି ମୁହାଣ ଓ କେଲୁଣି ମୁହାଣ ଅଞ୍ଚଳକୁ ବେଶ୍ ଚଳଚଞ୍ଚଳ କରିଦେଇଛି । ଅନ୍ୟପକ୍ଷେ ଅଧିକ ସଂଖ୍ୟକ ପକ୍ଷୀ ଏଠି ବିଚରଣ କରୁଥିବାରୁ ଜୈବ ବିବିଧତା ପାଇଁ ଶୁଭଙ୍କର ବୋଲି ପରିବେଶପ୍ରେମୀ ମାନେ ପ୍ରକାଶ କରିଛନ୍ତି। ଶୀତ ଦିନେ ଚିଲିକା ସହିତ ଭିତରକନିକା, ଅଂଶୁପା, ହୀରାକୁଦ, ତମ୍ପରା ଓ ସାତକୋଶିଆ ଅଞ୍ଚଳକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ବିଦେଶୀ ପକ୍ଷୀଙ୍କ ପାଇଁ ହେନ୍ତାଳ ବଣ ବା ଜୁଆରିଆ ଅରଣ୍ୟରେ ପ୍ରଚୁର ଖାଦ୍ୟ, ବାସସ୍ଥାନ ମିଳିଥାଏ। ତେଣୁ ଭିତରକନିକା ସାଙ୍ଗକୁ ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ଓ ଦେବୀ ନଦୀ ମୁହାଣରେ ରହିଥିବା ସମୃଦ୍ଧ ହେନ୍ତାଳ ଜଙ୍ଗଲରେ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥାଏ । ପକ୍ଷୀ ଜୈବ ବିବିଧତା ସଂରକ୍ଷଣ ଦିଗରେ ସ୍ଥାନୀୟ ଅଞ୍ଚଳର ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ, ଓଡ଼ିଶା ଲୁଣା ଜଙ୍ଗଲ ସ୍ୱଚ୍ଛତା ଅଭିଯାନ, ସ୍ଥାନୀୟ ବିଭିନ୍ନ ମତ୍ସ୍ୟଜୀବୀ ଗ୍ରାମର ସଚେତନ ମହିଳା, ଲୋକ ପ୍ରତିନିଧିଙ୍କ ଲଗାତାର ପ୍ରୟାସ ଜାରି ରହିଛି । ଅସ୍ତରଙ୍ଗ ଅଞ୍ଚଳରେ ପକ୍ଷୀଙ୍କ ପରିସଂସ୍ଥାନ ସମୃଦ୍ଧ ହେବାରେ ଲାଗିଛି । ଏନେଇ ସରକାରୀ ସ୍ତରରେ ସ୍ଥାନୀୟ ଜୈବ ବିବିଧତା ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଉଚିତ୍ ବୋଲି ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାରପ୍ରାପ୍ତ ପରିବେଶବିତ୍ ବିଚିତ୍ରାନନ୍ଦ ବିଶ୍ୱାଳ କହିଛନ୍ତି।

### କିଡ୍‌ନୀ ରୋଗରେ ଆକ୍ରାନ୍ତ ରାକେଶ

## ସହାୟତା ପାଇଁ ଆକୁଳ ନିବେଦନ



**ନିମାପଡା,୧୧।୧୧(ସମିସ)**

ପୁଅର ଦୁଇଟି ଯାକ କିଡନୀ ଅକାମୀ ହୋଇ ଯାଇଛି। ପୁଅର ଚିକିତ୍ସା ପାଇଁ ଯାହା କିଛି ଜମିବାଡି ଥିଲା ବିକି ପ୍ରାୟ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ସରିଲାଣି। ଅନ୍ୟ ଜଣଙ୍କ କିଡନୀ ଲାଗିଲେ ପୁଅ ବଞ୍ଚିବ। ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଆବଶ୍ୟକ। ଆଉ ଟଙ୍କା ଯୋଗାଡ କରି ପୁଅକୁ ଭଲ କରିବା ବାପା ମାଙ୍କ ପାଖେ ସମ୍ଭବ ନୁହେଁ। ବିଜୁ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଡରେ ଯାହା ଅର୍ଥ ଥିଲା ଚିକିତ୍ସାରେ ସବୁ ଶେଷ ହୋଇଯାଇଛି। ସରକାର ଏବଂ ସହୃଦୟ ବ୍ୟକ୍ତି ସହାୟତାର ହାତ ବଢାଇଲେ ଏକମାତ୍ର ରୋଜଗାରିଆ ପୁଅ ଭଲ ହୋଇ ପାରିବ ବୋଲି ଆଶା ଓ ଭରଷା ରଖିଛନ୍ତି ରୋଗାଗ୍ରସ୍ତ ଯୁବକଙ୍କ ବାପା ଓ ମା'। ପ୍ରକାଶ ଯେ ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ଗ୍ରାମର ରାକେଶ କୁମାର ସାହୁ ନିମାପଡା ବଜାର ନିକଟରେ ନିଜର ବାପା ଓ ମାଙ୍କ ସହିତ ଏକ ଭଡା ଘରେ ରହି ଆସୁଛନ୍ତି। ରାକେଶଙ୍କ ୨ଟି ଯାକ କିଡନୀ ଖରାପ ହୋଇଯାଇଛି। ୨ବର୍ଷ ଚିକିତ୍ସା ମଧ୍ୟରେ ପ୍ରାୟ ୧୨ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ସରିଲାଣି। ରାକେଶଙ୍କ ଚିକିତ୍ସା ଲାଗି ସୁନା ଅଳଙ୍କାର ଓ ଜମିବାଡି ସବୁ ବିକ୍ରି କରି ସରିଲାଣି। ରାକେଶଙ୍କ କଡନୀ ପ୍ରତିରୋପଣ ପାଇଁ ଡାକ୍ତର କହିଛନ୍ତି। ରାକେଶ ମା ଙ୍କ କିଡନୀ ତାଙ୍କ ଦେହରେ ଲାଗିଲେ ସେ ବଞ୍ଚିଯିବେ ବୋଲି ଭରସା ରହିଛି। କିଡନୀ ପ୍ରତିରୋପଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଆବଶ୍ୟକ ରହିଛି। ଗୋଟିଏ ବୋଲି ପୁଅ କିଡନୀ ଲାଗିବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ। ପୁଅ ଚିନ୍ତାରେ ବାପା ମା'ଙ୍କ ଆଖିରେ ଦିନ ରାତି ଝରୁଛି ଲୁହ। ପୁଅର ଚିକିତ୍ସା ଲାଗି ଗରିବ ଅସହାୟ ବାପା ମା' ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି। ଶଯ୍ୟାଶାୟୀ ରାକେଶଙ୍କୁ ସହାୟତା ପାଇଁ ମୋବାଇଲ ନମ୍ବର ୯୫୮୩୨୮୯୩୮୫ ରେ ଫୋନ ପେ, ଗୁଗୁଲ ପେ, ପେଟିଏମ ସହାୟତାରେ ସାହାଯ୍ୟ ପାଇଁ ନିବେଦନ କରାଯାଇଛି।

୧୧/୧୧/୨୦୨୪ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୮୧,୮୫୮/- | ସୁନା: ୦୦.୦୦୦ ଗ୍ରାମ୍ | ରୁପା: ୦୦.୦୦୦ ଗ୍ରାମ୍





## ସଅଳ ହେଲା ଧ୍ୱଜା ପରିବର୍ତ୍ତନ



ପୁରୀ,୧୧ା୧୧(ସମିସ): ଧ୍ୱଜା ବନ୍ଧା ଦେଖିବା ପାଇଁ ମନ୍ଦିର ଭିତରେ ଓ ସିଂହଦ୍ୱାର ବାହାର ରାସ୍ତାରେ ଭକ୍ତ ପ୍ରବଳମାତ୍ରାରେ ଗହଳି କରୁଛନ୍ତି। ତେଣୁ ପଞ୍ଚୁକକୁ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ଚଳିତ ସପ୍ତାହଟି ପାଇଁ ଅପରାହ୍ନ ସାଢେ ୩ଟାରେ ଧ୍ୱଜା ବନ୍ଧା ସମାପନ କରିବା ଲାଗି ଶ୍ରୀମନ୍ଦିର କମାଣ୍ଡର ଓ ସୁପରଭାଇଜାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ମୁଖ୍ୟ ପ୍ରଶାସକ। ଏଥିସହ ଚୁନରା ସେବାୟତଙ୍କ ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ସଅଳ ଅର୍ଥାତ୍ ଅପରାହ୍ନ ସାଢେ ୩ଟାରେ ଧ୍ୱଜା ବନ୍ଧା ନୀତି ଅନୁଷ୍ଠିତ ହୋଇଥିଲା। ଚୁନରା ସେବାୟତ ମାନଙ୍କ ଦ୍ୱାରା ଏହା ସମ୍ପନ୍ନ ହୋଇଛି। ଏହି ପରିବର୍ତ୍ତନ ନୀତି ଅପରାହ୍ନ ୩ଟା୩୦ରୁ ଆରମ୍ଭ ହୋଇ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଶ୍ରୀମନ୍ଦିର ନୀଳଚକ୍ର ଉପରେ ଧଳା ବାନାକୁ ପରିବର୍ତ୍ତନ କରାଯାଇ ହଳଦିଆ ବାନା ବନ୍ଧା ଯାଇଥିଲା। କାର୍ତ୍ତିକ ମାସ ବିଶେଷକରି ପଞ୍ଚୁକର ଅସମ୍ଭବ ଭିଡ଼କୁ ନଜରରେ ରଖି ଧ୍ୱଜାବନ୍ଧା ନୀତି ସହଳ କରାଯାଇଛି।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୧୧ା୧୧(ସମିସ): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୯୦ଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୭୭ଟି ବ୍ୟକ୍ତିଗତ ଓ ୯ଟି ଗ୍ରାମ୍ୟ ସମ୍ପର୍କିତ ଅଭିଯୋଗ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ଟି ଓ ରେଡ୍‌କ୍ରସ ସହାୟତା ପାଇଁ ୨ଟି ଆବେଦନ ମିଳିଥିଲା। ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ଶୁଣାଣିରେ ଯୋଗଦେଇଥିଲେ।

### ପ୍ରଶାସନର ପଞ୍ଚୁକ ପ୍ରସ୍ତୁତି

# କେବଳ ସିଂହଦ୍ୱାରରେ ପ୍ରବେଶ



- ମରିଚିକୋଟ ଛକରୁ ବ୍ୟାରିକେଡରେ ପ୍ରବେଶ
- ମାର୍କେଟ ଛକରୁ ନୋ ଭେଇକ୍ଲି ଜୋନ

ପୁରୀ,୧୧ା୧୧(ସମିସ)

ମଙ୍ଗଳବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ। ଏଥିପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷ୍ୟାଳୀଙ୍କ ଭିଡ଼ ବଢିଲାଣି। ଏଥର ପଞ୍ଚୁକ ୪ ଦିନ ପଡୁଛି। ତେଣୁ ମହାପ୍ରଭୁଙ୍କ ଚିତ୍ତାକର୍ଷକ ୪ଟି ବେଶ ଦର୍ଶନ କରି ହବିଷ୍ୟାଳୀ ଓ ସାଧାରଣ ଭକ୍ତ କାର୍ତ୍ତିକ ମାସକୁ ବିଦାୟ ଦେବେ। ବିଶ୍ୱାସ ରହିଛି ମାସ ସାରା ବ୍ରତ ରଖି ଯେତିକି ପୁଣ୍ୟ ମିଳିଥାଏ ପଞ୍ଚୁକ ବ୍ରତ ରଖିଲେ ଅଧିକ ପୁଣ୍ୟ ମିଳିଥାଏ। ତେଣୁ ମଙ୍ଗଳବାର ବଡ ଏକାଦଶୀଠାରୁ ଶ୍ରୀକ୍ଷେତ୍ରରେ ପଞ୍ଚୁକ ୪ ଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଞ୍ଚୁକରେ ଶ୍ରଦ୍ଧାଳୁମାନଙ୍କର ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ସେଥିଲାଗି ସୋମବାର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ବିନୀତ୍ ଅଗ୍ରୱାଲ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ପ୍ରଶାସନର ପଞ୍ଚୁକ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ମରିଚିକୋଟ ଛକରୁ ବ୍ୟାରିକେଡ଼ ଦେଇ ଭକ୍ତ ପ୍ରବେଶ କରିବେ। ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ଯିବେ ଏବଂ ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ କରିବେ। ଭିତରେ ଭିଡ଼ ନିୟନ୍ତ୍ରଣ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ନୀତିକାନ୍ତି ସମ୍ପର୍କରେ ଭକ୍ତଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯିବ। କେତେବେଳେ ଦର୍ଶନ ବନ୍ଦ ଏବଂ ଚାଲୁ ରହିବ ତାହା ଶ୍ରଦ୍ଧାଳୁ ଜାଣିପାରିବେ। ସେହିପରି ବାହାରେ ଶେଡ୍ ସହିତ ବ୍ୟାରିକେଡ଼ରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଫ୍ୟାନ, ବସିବା ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା ହୋଇଛି। ସମୁଦ୍ର ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଲାଇଫ୍‌ଗାର୍ଡଙ୍କ ସହ ପୁଲିସ ମୁତୟନ ହେବେ। ଏ ବର୍ଷ ପଞ୍ଚୁକ ୪ ଦିନ ପଡୁଥିବାରୁ ଅସମ୍ଭବ ଭିଡ ହେବା ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି।

ଶ୍ରୀମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନେ ମରିଚିକୋଟ ଛକଠାରୁ ଅସ୍ଥାୟୀ ବ୍ୟାରିକେଡରେ ପ୍ରବେଶ କରି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ। ତେବେ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମାର୍କେଟ ଛକଠାରୁ ସିଂହଦ୍ୱାର ଆଡକୁ କୌଣସି ଗାଡ଼ି ଛଡାଯିବ ନାହିଁ। କେବଳ ଭକ୍ତ ଏବଂ ଜନସାଧାରଣ ପାଦରେ ଚାଲି ଚାଲି ଯିବେ। ସହରରେ ଭିଡ଼ ଯେପରି ନ ହେବ ସେଥିଲାଗି ଟ୍ରାଫିକ ନିୟନ୍ତ୍ରଣ କରାଯିବ। ପୁଲିସ ପକ୍ଷରୁ ପାର୍କିଂ ସ୍ଥାନ ଚିହ୍ନଟ ହୋଇଛି ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି।

ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଏସ୍‌ପି ସୁନିଲ କୁମାର ମିଶ୍ର, ଉପଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ସରୁନି ଦର୍ଶନ ଯାତନା

## ବାହାରେ ଠେଲାପେଲା; ତଳେ ପଡ଼ି ମହିଳା ଆହତ

ପୁରୀ,୧୧ା୧୧(ସମିସ)




ଶ୍ରୀମନ୍ଦିରରେ ସରୁନି ଦର୍ଶନ ଯାତନା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ହଇରାଣ ହେଉଛନ୍ତି। ପର୍ବପର୍ବାଣୀ ଏବଂ ଛୁଟିଦିନରେ ସ୍ଥିତି ଅଧିକ ସଙ୍ଗୀନ ହୋଇପଡୁଛି। ବେଳେ ବେଳେ ଗହଳି ଏମିତି ହେଉଛି ଅନେକ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଏପରି କି ଭିଡ଼ ଦେଖି ଭିତରକୁ ପଶିବାକୁ ସାହସ କରୁନାହାନ୍ତି କିଛି ଭକ୍ତ। ସେମାନେ ବାହାରୁ ମୁଣ୍ଡିଆ ମାରି ଫେରିଯାଉଛନ୍ତି। ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ପଞ୍ଚୁକ ନୀତି। ସୋମବାର ରାଧା ଦାମୋଦର ବେଶର ଅନ୍ତିମ ଦିବସରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ସିଂହଦ୍ୱାର ସମ୍ମୁଖରେ ଶେଡ୍ ବାହାରେ ଲମ୍ବା ଧାଡିରେ ଭକ୍ତ ଘଣ୍ଟା ଘଣ୍ଟା ଧରି ଛିଡା ହୋଇଥିଲେ। ଏପରି କି ଦୀର୍ଘ ସମୟ ଛିଡା ହେବା ଭିତରେ ଠେଲାପେଲାରେ ଜଣେ ବୟସ୍କା ମହିଳା ତଳେ ପଡି ଆହତ ହୋଇଥିଲେ। ସେହିପରି ଅନ୍ୟଜଣେ ମହିଳା ଅଣନିଶ୍ୱାସୀ ହୋଇପଡିଥିଲେ। ଉଭୟଙ୍କୁ ହସ୍ପିଟାଲ ଭର୍ତ୍ତି ହୋଇଥିଲେ। ଏମିତି ଅଧିକାଂଶ ଦିନରେ ଅନେକ ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଘରକୁ ଫେରୁଛନ୍ତି।

ଏବେ ଚାଲିଛି କାର୍ତ୍ତିକ ମାସ। ପ୍ରାୟ ଅଧିକାଂଶ ଦିନ ଗହଳି ରହୁଛି। ସବୁଠୁ ବଡ଼ କଥା ହେଉଛି କେବଳ ଦୁଇଟି ଦ୍ୱାର (ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର) ରେ ଭକ୍ତଙ୍କୁ ପ୍ରବେଶ ଅନୁମତି ରହିଛି। ଦୀର୍ଘ ୨୫ ଦିନ ଧରି ଚାଲିଥିବା ମହାପ୍ରଭୁଙ୍କ ରାଧାଦାମୋଦର ବେଶର ସୋମବାର ଥିଲା ଶେଷ ଦିନ। ଏଥିସହ ବଡ଼ଠାକୁରଙ୍କ ହରିହର ବେଶ ବି ରହିଥିଲା। ତେଣୁ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହୋଇଥିଲା। ପୂର୍ବାହ୍ନରେ ପୁଲିସ ଶ୍ରଦ୍ଧାଳୁଙ୍କୁ ଦଫା ଦଫା କରି ଭିତରକୁ ଛାଡୁଥିଲା। ତେଣୁ ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଦୀର୍ଘ ସମୟ ଧାଡିରେ ଛିଡା ହେବା ଫଳରେ ଠେଲାପେଲାରେ ଜଣେ ମହିଳା ତଳେ ପଡିଯାଇଥିଲେ। ସମ୍ପୃକ୍ତା ମହିଳା ହେଉଛନ୍ତି ଗଞ୍ଜାମର ହରପ୍ରିୟା ପାଣିଗ୍ରାହୀ। ତାଙ୍କ ଡାହାଣ ଗୋଡରେ ଆଘାତ ଲାଗିଥିଲା। ସେହିପରି ଅନ୍ୟଜଣେ ବୟସ୍କା ମହିଳା ଅଚେତ ହୋଇ ପଡି ଯାଇଥିଲେ। ତାଙ୍କୁ ମଧ୍ୟ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଭଳି ସ୍ଥିତିକୁ ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ଶିକ୍ଷାନବୀଶ ଆଇଏଏସ୍‌ଙ୍କୁ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ

ପୁରୀ,୧୧ା୧୧(ସମିସ)



### ପରିକ୍ରମା ପ୍ରକଳ୍ପ ବୁଲି ଦେଖିଲେ

ଭାରତୀୟ ପ୍ରଶାସନିକ ସେବା ୨୦୨୩ ବ୍ୟାଚ୍‌ର ୧୨ ଜଣ ଆଇଏଏସ୍ ପ୍ରୋବେସନର ବା ଶିକ୍ଷାନବୀଶ ପୁରୀ ଜିଲ୍ଲା ଗସ୍ତରେ ରହିଛନ୍ତି। ସେମାନେ ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟ, ବିପଣୀ କେନ୍ଦ୍ର, ପର୍ଯ୍ୟଟନସ୍ଥଳ ଇତ୍ୟାଦି ପରିଦର୍ଶନ କରି ଜ୍ଞାନ ଆହରଣ କରିବେ। ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ସମସ୍ତ ଶିକ୍ଷାନବୀଶ ଆଲୋଚନା କରିଥିଲେ। ଜଣେ ଆଇଏଏସ୍ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ସାଧାରଣ ଲୋକଙ୍କ ପ୍ରତି ବ୍ୟବହାର, ସମସ୍ୟା ଓ ତାହାର ସମାଧାନ, ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଅବଗତ କରାଇଥିଲେ। ପୁରୀର ବିଭିନ୍ନ ପ୍ରକଳ୍ପ ଓ ପର୍ଯ୍ୟଟନ ସ୍ଥଳର ବିକାଶକୁ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପରେ ଶିକ୍ଷାନବୀଶମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ। ଅପରାହ୍ନରେ ଜିଲ୍ଲା ସ୍କୁଲ ପରିଦର୍ଶନ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ମାନେ ମଧ୍ୟ ଶିକ୍ଷାନବୀଶମାନଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କ ଅନୁଭୂତି, ଅଭିଜ୍ଞତା ଓ ଆଇଏଏସ୍ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜିଲ୍ଲାପାଳଙ୍କ ସହ ଉପସ୍ଥିତ ଥିଲେ। ଶିକ୍ଷାନବୀଶ ଶୁଭନ ଶର୍ମା, ଦୀପିକା ଗୌତମ, ଭାରତ ପ୍ରଦୀପ, ଡି. ଏମ୍‌ଡି ତବିସ ହାସନ, ପନ୍ନା କରନ କୁମାର ମାନସୁଖଭାଇ, ଦେଶମୁଖ ରାଜଶ୍ରୀ ସାନ୍ତାରାମ, ରିତୁ ଯାଦବ, ପଟେଲ ଅମିତେଶ କମଲେଶ ଭାଇ, ମୁକିଲାନ ଆର, ଅରିବ ସାଗିର, ରାଣା ଦେ, ସଚିତ ସିଂ ଏହି ଗସ୍ତରେ ସାମିଲ ଅଛନ୍ତି। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏହି ଗସ୍ତରେ ସହଯୋଗ କରୁଛନ୍ତି।

## ପୁଲିସର ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ଚିନ୍ତା

ପୁରୀ,୧୧ା୧୧(ସମିସ): ପୁରୀ ଏକ ଅନ୍ତର୍ଜାତୀୟ ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ସହର। ଏଠାକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପୁଲିସର ପ୍ରାଥମିକ କାର୍ଯ୍ୟ। ଅନ୍ୟପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ପଞ୍ଚୁକ ବ୍ରତ। ପଞ୍ଚୁକର ଶେଷ ଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ପୁରୀକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ ଆସିବେ। ବିଭିନ୍ନ ତୀର୍ଥ ପୁଷ୍କରିଣୀ, ମହୋଦଧିରେ ଡଙ୍ଗା ଭସାଇବେ। ତେଣୁ ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ସୋମବାର ପୁଲିସ ପକ୍ଷରୁ ଏକାଧିକ ବୈଠକ କରାଯାଇଛି। ପୁରୀକୁ ଏବେ ବହୁ ପରିମାଣର ପର୍ଯ୍ୟଟକ ଆସୁଛନ୍ତି। ତେଣୁ ସମୁଦ୍ର ସ୍ନାନ ବେଳେ କୌଣସି ପର୍ଯ୍ୟଟକଙ୍କର ଯେପରି କିଛି କ୍ଷତି ନ ହେବ ସେ ନେଇ ଲାଇଫ୍‌ଗାର୍ଡଙ୍କ ସହ ଅତିରିକ୍ତ ଏସ୍‌ପି ଏବଂ ସିଟି ଡିଏସ୍‌ପି ଆଲୋଚନା କରିଛନ୍ତି। ସେହିପରି ହୋଟେଲଗୁଡ଼ିକରେ ରହୁଥିବା ପର୍ଯ୍ୟଟକମାନଙ୍କୁ



ଯେପରି ଭଲ ଆତିଥେୟତା ମିଳିବ ଏବଂ କୌଣସି ଜାଗାରେ ଯେପରି ସେମାନେ ହଇରାଣ ନ ହେବେ ସେଥିଲାଗି ହୋଟେଲ ମାଲିକ ସଂଘ ସହ ମଧ୍ୟ ବୈଠକ କରିଛି ପୁଲିସ। ପ୍ରତ୍ୟେକ ହୋଟଲରେ ସିସିଟିଭି ଏବଂ ରେଜିଷ୍ଟାର ଠିକ୍ ଭାବେ କାର୍ଯ୍ୟକ୍ଷମ କରାଇବାକୁ ପରାମର୍ଶ ଦେଇଛି। ସେହିପରି ପଞ୍ଚୁକରେ ଶ୍ରୀକ୍ଷେତ୍ରରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ସେମାନଙ୍କୁ ଯେପରି ଶୃଙ୍ଖଳିତ ଦର୍ଶନ ମିଳିବ ଏବଂ କୌଣସି ପ୍ରକାର ଅସୁବିଧାରେ ନ ପଡିବେ ସେ ନେଇ ସୋମବାର ସନ୍ଧ୍ୟାରେ ସିଂହଦ୍ୱାରଠାରେ ପୁଲିସ ଅଧିକାମାନଙ୍କୁ ପରାମର୍ଶ ଦେଇଛନ୍ତି ଏସ୍‌ପି ବିନୀତ୍ ଅଗ୍ରୱାଲ।

## ଭାଗବତ ସପ୍ତାହ ଉଦ୍‌ଯାପିତ

ପୁରୀ,୧୧ା୧୧(ସମିସ): ମାର୍କେଣ୍ଡସ୍ୱର ସାହିରେ କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଟ୍ରଷ୍ଟ ସୌଜନ୍ୟରେ ଭାଗବତ ପାରାୟଣ, କଥାମୃତ ଓ ଆଲୋଚନାଚକ୍ର ୭ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଟ୍ରଷ୍ଟର ସଭାପତି ଗବେଷକ ଡ. ବଳରାମ ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇ ଭାଗବତର ମାହାତ୍ମ୍ୟ, ଭାଗବତ ହିଁ ସ୍ୱୟଂ ଭଗବାନ ପରଂବ୍ରହ୍ମ, ଏହାକୁ ଭାବ ଓ ଭକ୍ତିର ସହ ପାଠକଲେ ମୁକ୍ତି ମିଳିଥାଏ ବୋଲି କହିଥିଲେ। କଥା ବ୍ୟାସ ରୂପେ ପଣ୍ଡିତ ଦୟାନିଧି ପଣ୍ଡା ସାତଦିନ ଧରି ଭାଗବତର ବ୍ୟାଖ୍ୟା କରି ଭକ୍ତମାନଙ୍କୁ ଭଗବତ ଚେତନାରେ ଉଦ୍‌ବୃତ୍ତ କରିଥିଲେ। ଭିନ୍ନ ଭିନ୍ନ ଦିବସରେ ପ୍ରବଚକ ପ୍ରମୋଦ କୁମାର ପଣ୍ଡା, ପ୍ରବଚକ ପ୍ରମୋଦ କୁମାର ଦଳାଇ, ମହନ୍ତ ଶୁଭାନନ୍ଦପୁରୀ, ପ୍ରବଚକ ଡ. ଶଶୀକାନ୍ତ ରଥ, ଡ. ପ୍ରଦୀପ କୁମାର ଆଚାର୍ଯ୍ୟ, ପ୍ରବଚକ ଦଣ୍ଡପାଣି ମହାପାତ୍ର ପ୍ରମୁଖ ପରମ ଶାସ୍ତ୍ର ଭାଗବତର ଅମୂଲ୍ୟ ଭାବ ଓ ଭକ୍ତି ରସର ଅମୃତ ସୁଧାରସ ଭକ୍ତମାନଙ୍କୁ ପାନ କରାଇ ଧନ୍ୟ କରିଥିଲେ। ଡ. ନବକିଶୋର ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପୁରୀ ଜିଲ୍ଲା ଚେସ୍ କୋଚିଂ କ୍ୟାମ୍ପ ଉଦ୍‌ଘାଟିତ

ପୁରୀ,୧୧ା୧୧(ସମିସ): ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ସୋମବାର ପୁରୀ ଜିଲ୍ଲା ଚେସ୍ କୋଚିଂ କ୍ୟାମ୍ପର ଶୁଭାରମ୍ଭ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ଚେସ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ମୋ ସ୍କୁଲ ଅଭିଯାନର ସଭାପତି ରମାବଲ୍ଲଭ ମହାପାତ୍ର, ପୁରୀ ଜିଲ୍ଲା ଚେସ୍ ସଂଘର ଯୁଗ୍ମ ସମ୍ପାଦକ ଦେବାଶିଷ ମିଶ୍ର, ପରିଚାଳନା କମିଟି ସଦସ୍ୟ ପ୍ରଜ୍ଞା ପରମିତା ନନ୍ଦ, ଅଲ୍ ଓଡିଶା ଚେସ୍ ସଂଘର ମୁଖ୍ୟ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ଚେସ୍ ଖେଳ ବୁଦ୍ଧିମତା, ଆତ୍ମବିଶ୍ୱାସକୁ ବୃଦ୍ଧି ସହ ମସ୍ତିଷ୍କ ସ୍ଥିର ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସେଠୀ ଚେସ୍ ଖେଳ ପାଇଁ ବୁଦ୍ଧି ଓ କୌଶଳର ପ୍ରୟୋଗର ଆବଶ୍ୟକତା ଥିବାରୁ ଏହା ପିଲାମାନଙ୍କୁ ଆନନ୍ଦ ଦେବା ସହ ସେମାନଙ୍କ ବୌଦ୍ଧିକ ବିକାଶରେ ସାହାଯ୍ୟ କରିବ ବୋଲି କହିଥିଲେ। ଜିଲ୍ଲା ଚେସ୍ ସଂଘ ସମ୍ପାଦକ ଶ୍ରୀ ମିଶ୍ର କହିଥିଲେ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଚେସ୍ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ସମସ୍ତ ସ୍କୁଲ ପିଲାଙ୍କ ପାଇଁ ମାଗଣାରେ ଶିକ୍ଷା ଦିଆଯିବ। ଏହି ଶିକ୍ଷା ଦୁଇବର୍ଷ ଧରି ପ୍ରତ୍ୟକ ସପ୍ତାହର ଗୁରୁବାର ଏବଂ ଶୁକ୍ରବାର ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯିବ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ହେବାଦ୍ୱାରା ଛାତ୍ର ଛାତ୍ରୀମାନଙ୍କ ମସ୍ତିଷ୍କ ଶକ୍ତି ବୃଦ୍ଧି ହେବ ଏବଂ ଯେଉଁ ପିଲାମାନେ ଆଗରୁ ଚେସ୍ ଖେଳୁଛନ୍ତି ସେମାନେ ମଧ୍ୟ ଆହୁରି ଉନ୍ନତ ଖେଳି ବିଦ୍ୟାଳୟର ନାମକୁ ଉଚ୍ଚ ପ୍ରଶଂସିତ କରି ପାରିବେ। ମୋ ସ୍କୁଲ ଅଭିଯାନର ସଭାପତି ଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପାତାଳୀ ଶ୍ରୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ଆସିଲା ତୁଳସୀ

ପୁରୀ,୧୧ା୧୧(ସମିସ)



### ଆଜି ବଡ଼ ଏକାଦଶୀରେ ଲାଗି ହେବେ ମହାପ୍ରଭୁ

ଲୀଳାମୟ ଠାକୁର ଶ୍ରୀଜଗନ୍ନାଥଙ୍କୁ ରସିକ ରାଜ କୁହାଯାଏ। ତାଙ୍କର ବିଭିନ୍ନ ନୀତି ଓ ବେଶରେ ଭିନ୍ନ ଭିନ୍ନ ରଙ୍ଗ ଓ ବାସ୍ନାର ଫୁଲ ଲାଗିଥାଏ। ଶ୍ରୀମନ୍ଦିରରେ ହେଉ କି ପହଣ୍ଡିରେ ଅବା ରଥ ଉପରେ ଫୁଲରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ମଥାରେ ସର୍ବଦା ତୁଳସୀ ଶୋଭା ପାଉଥାଏ। ତୁଳସୀ ଓ ଦୟଣା ପ୍ରିୟ ଶ୍ରୀଜଗନ୍ନାଥ। ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ ଆଉ ମହାପ୍ରସାଦରେ ବି ତୁଳସୀ। ତୁଳସୀ ପ୍ରିୟ ଠାକୁର ସେ। ସେଇଥିପାଇଁ ତ ମହାପ୍ରଭୁଙ୍କ ଟାହିଆ, ଟୋପର, ଗୁଣା, ନାକଚଣା ସମେତ ପ୍ରଭୃତି ପ୍ରତିଟି ପୁଷ୍ପାଳଙ୍କାରରେ ତୁଳସୀ ବ୍ୟବହୃତ ହୋଇଥାଏ। ଠାକୁରଙ୍କର ଛଡା ତୁଳସୀଟିଏ ପାଇଗଲେ ଭକ୍ତ ମନ ପୂରିଉଠେ। ସେ ଭାବରେ ଅଧୀର ହୋଇପଡେ। ତୁଳସୀରେ ପୂଜା, ତୁଳସୀରେ ଉପଚାର, ତୁଳସୀରେ ଆଜ୍ଞା ଓ ତୁଳସୀରେ ଅନୁରାଗ ରଖୁଥିବା ମହାପ୍ରଭୁଙ୍କ ପାଇଁ ପାତାଳି ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରରୁ ଆସିଛି ତୁଳସୀ। ରବିବାର ଅଁଳା ନବମୀରେ ପ୍ରତିବର୍ଷ ଭଳି ଏ ବର୍ଷ ୩୨ ଝୁଡ଼ି ତୁଳସୀ ଶ୍ରୀ କ୍ଷେତ୍ରକୁ(କାଳିଆ ତୁଳସୀ ଯାତ୍ରା) ନାମରେ ଦୁଇଟି ସୁସଜ୍ଜିତ ରଥରେ ଆସି ଅପରାହ୍ନ ୪ଟାରେ ପହଞ୍ଚିଥିଲା। ଆଲାମଚଣ୍ଡୀ ମନ୍ଦିର ପାଖରୁ ଭବ୍ୟ ସ୍ୱାଗତ କରି ଶ୍ରୀହରି ସତ୍‌ସଙ୍ଗସମିତି ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ପଞ୍ଚମ ବର୍ଷ ପୂର୍ତ୍ତି ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରୀ ବାସୀ ନ ଆସିଲେ ମଧ୍ୟ ପ୍ରଭୁଙ୍କ ଶ୍ରୀଅଙ୍ଗରେ କାର୍ତ୍ତିକ ମାସ ବଡ଼ ଏକାଦଶୀରେ ତୁଳସୀ ଲାଗିହେବ। ପାତାଳି ଶ୍ରୀକ୍ଷେତ୍ରକୁ ପ୍ରଭୁ ମନେ ରଖିବେ। ଏହି ଭକ୍ତି ଭାବନା ରଖି ପଠାଇଥାନ୍ତି ବୋଲି ସତ୍‌ସଙ୍ଗ ସମିତିର ବାମଦେବ ନାୟକ କହିଛନ୍ତି।

## ହାପିନେସ୍ ଫାଉଣ୍ଡେସନକୁ 'ପ୍ରକୃତି ମିତ୍ର' ପୁରସ୍କାର



ପୁରୀ,୧୧ା୧୧(ସମିସ): ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ନୂଆନଇସ୍ଥିତ ପ୍ରକୃତି ନିବାସଠାରେ ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ୍ ଫାଉଣ୍ଡେସନକୁ ଚଳିତ ବର୍ଷ "ପ୍ରକୃତି ମିତ୍ର' ପୁରସ୍କାର ସହିତ ୨୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର ଓ ସହକାରୀ ବନ ସଂରକ୍ଷକ ଉତ୍ତମ କୁମାର ଗଡନାୟକ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନ ତରଫରୁ ଏହାର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠାନ ତରଫରୁ ଦୀର୍ଘଦିନ ଧରି ବୃକ୍ଷରୋପଣଠାରୁ ଆରମ୍ଭ କରି ପରିବେଶ ସ୍ୱଚ୍ଛତାକୁ ନେଇ ଅନେକ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଅନୁଷ୍ଠାନର ସଭାପତି ଶ୍ରୀ ପ୍ରଧାନ କହିଛନ୍ତି, ସମସ୍ତ କର୍ମକର୍ତ୍ତା ଓ ଶୁଭେଚ୍ଛୁମାନଙ୍କ ମିଳିତ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ପରିବେଶ ସୁରକ୍ଷା ଦିଗରେ ଭଲ କାମ ପାଇଁ ଏହା ପ୍ରୋତ୍ସାହିତ କରିବ।

ଭଗବତ ଗୋସାଇଁଙ୍କ ଜମି କ୍ଷତିପୂରଣ ଦାବି

# ବାଇପାସ୍ ନିର୍ମାଣ ଅଟକାଇଲେ ତୁଳସୀପୁର ଗ୍ରାମବାସୀ

**ନିର୍ମାଣାଧୀନ ରାସ୍ତାରେ ଶତାଧିକ ଲୋକଙ୍କ ଧାରଣା**

**ମୁରବୀଙ୍କୁ ନେଇ କଟକ ଗଲେ ତହସିଲଦାର**

ନୟାଗଡ଼,୧୧।୧୧(ସମିସ) : ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ନୟାଗଡ଼ ବାଇପାସ୍ ନିର୍ମାଣରେ ଏଆର୍‌ଏସ୍‌ଏସ୍ କମ୍ପାନୀ କେଳେଙ୍କାରୀ କିଛି ଦିନ ତଳେ ସାମ୍ନାକୁ ଆସିଥିବା ବେଳେ ଏବେ ଏକ ବଡ଼ ସମସ୍ୟା ମୁଣ୍ଡ ଟେକିଛି। ଜମି ଅଧିଗ୍ରହଣ ସରିବା ପରେ ୫୦ ପ୍ରତିଶତରୁ ଉଦ୍ଧ୍ୱର୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ତୁଳସୀପୁର ଗ୍ରାମବାସୀ ଗ୍ରାମରେ ଅଧିଷ୍ଠିତ ଭଗବତ ଗୋସାଇଁ ଠାକୁରଙ୍କ ଜମି ବାବଦ ଅର୍ଥ ପାଇଁ ଆଜି ଆନ୍ଦୋଳନକୁ ଓହ୍ଲାଇଛନ୍ତି।



ଶତାଧିକ ଗ୍ରାମବାସୀ ନିର୍ମାଣାଧୀନ ବାଇପାସ୍ ଉପରେ ଧାରଣାରେ ବସିବା ସହ ତୁରନ୍ତ ପଦକ୍ଷେପ ପାଇଁ ଦାବି କରିଛନ୍ତି। ତୁଳସୀପୁର ଗ୍ରାମରେ ଅଧିଷ୍ଠିତ ଭଗବତ ଗୋସାଇଁ ଠାକୁରଙ୍କ ୧୧.୮ ଡିସିମିଲ ଜମି ବାଇପାସ୍ ପାଇଁ ବ୍ୟବହାର ହେଉଛି। ଏହି ଜମି ବାବଦ କ୍ଷତିପୂରଣ ଅର୍ଥ ୨୦ ଲକ୍ଷରୁ ଉଦ୍ଧ୍ୱର୍ ତହସିଲ ପକ୍ଷରୁ ଏଣ୍ଡୋମେଣ୍ଟ କମିଶନଙ୍କୁ ପ୍ରଦାନ କରାଯାଇଛି। ଏହି ଅର୍ଥ ମନ୍ଦିର ପରିଚାଳନା ଏବଂ ନୀତିକାନ୍ତି ପାଇଁ ପ୍ରଦାନ କରାଯିବାକୁ ବହୁ ଦିନରୁ ଗ୍ରାମବାସୀ ଦାବି କରିଛନ୍ତି। ଏକ ଟ୍ରଷ୍ଟ ଗଠନ କରି ଉକ୍ତ ଅର୍ଥ ପ୍ରଦାନ ପାଇଁ ବାରମ୍ବାର ଲିଖିତ ଅଭିଯୋଗ ଦାବି କରିଛନ୍ତି। ଏହାକୁ ଏଣ୍ଡୋମେଣ୍ଟ କମିଶନ ତଥା ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହ ଆଜି ଧାରଣା ଦେଇଛନ୍ତି। ଅର୍ଥ ଅଭାବରୁ ଠାକୁରଙ୍କ ନୀତି, କାନ୍ତି ହୋଇପାରୁନଥିବା ବେଳେ ପୂଜକ ପୂଜା କରିବାକୁ ଅମଙ୍ଗ ହେଉଛନ୍ତି। ଯାହାକୁ ନେଇ ଆଜି ଗ୍ରାମବାସୀ ନିର୍ମାଣଧୀନ ରାସ୍ତା ଉପରେ ବସି ନିର୍ମାଣ କାର୍ଯ୍ୟ ଅଟକାଇଥିବା ଦେଖାଯାଇଛି। ଖବରପାଇ ତୁଳସୀପୁର ଆରଆଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଗ୍ରାମବାସୀ କର୍ଣ୍ଣପାତ କରିନଥିଲେ। ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଗ୍ରାମର କିଛି ମୁରବୀଙ୍କୁ ନେଇ କଟକ ଏଣ୍ଡୋମେଣ୍ଟ କମିଶନଙ୍କ କାର୍ଯ୍ୟାଳୟକୁ ନିଜେ ତହସିଲଦାର ଯାଇଥିବା ସୂଚନା ଦେଇଛନ୍ତି।

■ ଏଆର୍‌ଏସ୍‌ଏସ୍ ଦ୍ୱାରା ମାଟି ଚୋରି ଘଟଣା

## ଜବତ ଗାଡ଼ିକୁ ଜରିମାନା କେବେ?

ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ବାଇପାସ୍ ନିର୍ମାଣ ପାଇଁ ଠିକାସଂସ୍ଥା ଏଆର୍‌ଏସ୍‌ଏସ୍ ମାଟି ଚୋରି କରୁଥିବା ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଖଣି ବିଭାଗ ଶିମିଳିସାହି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରିଥିଲା। ଉକ୍ତ ସ୍ଥାନରୁ ମାଟି ଓ ମୋରମ ଲୁଟ୍ ହେଉଥିବା ଖଣି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କ ନଜରକୁ ଆସିଥିଲା। ଯାହାକୁ ନେଇ ଉକ୍ତ ସ୍ଥାନରୁ ୪ଟି ହାଇୱା ଏବଂ ୧ଟି ପ୍ରୋକଲିନ୍ ମେସିନକୁ ଜବତ କରାଯାଇଥିଲା। ଉକ୍ତ ପ୍ରୋକଲିନ୍ ମେସିନକୁ ଘଟଣାସ୍ଥଳରେ ରଖାଯାଇଥିବା ବେଳେ ହାଇୱାଗୁଡ଼ିକୁ ସଦରଥାନା ଜିମା ଦିଆଯାଇଥିଲା। ଏହା ମଧ୍ୟରେ ମାଟି ବୋଝେଇ ହୋଇନଥିବା ଦର୍ଶାଇ ୩ଟି ହାଇୱାକୁ ଖଣି ଅଧିକାରୀ ରିଲିଜ କରିଥିବା ବେଳେ ଅନ୍ୟ ହାଇୱା ଏବଂ ପ୍ରୋକଲିନକୁ ଆଜି ପର୍ଯ୍ୟନ୍ତ ଜରିମାନା କରାଯାଉନାହିଁ। ପ୍ରଶାସନିକ ଓ ରାଜନୈତିକ ଚାପରେ ଖଣି ଅଧିକାରୀ ଏହି ମାମଲାକୁ ଚପାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଯେଉଁ କାରଣରୁ ଜରିମାନା କରିବା ପାଇଁ ଦିନ ଗଡ଼ା ଯାଉଛି। ଏଆର୍‌ଏସ୍‌ଏସ୍ କମ୍ପାନୀ ଏବେ ବି ମାଟି ଓ ମୋରମ ଲୁଟ୍ କରୁଥିବା ବେଳେ ଖଣି ବିଭାଗ ଏଥିପ୍ରତି ଆଖି ବୁଜି ଦେଇଛି। ଠିକା କମ୍ପାନୀ ଏଆର୍‌ଏସ୍‌ଏସ୍ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କାରଣ କଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହେନ୍ଦ୍ର ସ୍ୱାଇଁଙ୍କ ଶ୍ରାଦ୍ଧବାର୍ଷିକୀ ଉଦ୍‌ଯାପିତ



ଖଣ୍ଡପଡ଼ା,୧୧।୧୧(ସମିସ): ଖଣ୍ଡପଡ଼ା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ତଥା ଦିବଂଗତ ନେତା ସ୍ୱର୍ଗତ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ବେଣାଗାଡ଼ିଆସ୍ଥିତ ବାସଭବନରେ ସ୍ମୃତି କମିଟି ଆନୁକୂଲ୍ୟରେ ଗତ ଚାରିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଆଜି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ତଥା ଆଇନଜୀବୀ ରଣଜିତ ଦାଶ, ବିଜେପି ନେତା ପ୍ରକାଶଚନ୍ଦ୍ର ବିଜୁଳି, ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଗଦାଧର ପରିଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ହେମନ୍ତ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ବାଇପାସ୍ ରାସ୍ତାରେ ଦୁର୍ଘଟଣା; ଜଣେ ମୃତ

ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ବାଇପାସ୍ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ, ଶରଣକୁଳ ଥାନା ଅନ୍ତର୍ଗତ କନ୍ଧଗବଡିହି ଗ୍ରାମର ଖଦାଳ ମାଝୀ। ସେ ଆଜି ସଦରଥାନା ଅନ୍ତର୍ଗତ ରଘୁନାଥପ୍ରସାଦ ଗାଁକୁ ବାଇକ୍ ଯୋଗେ ଆସିଥିଲେ। ରଘୁନାଥପ୍ରସାଦ ଗାଁରୁ ଷଠିଆପଲ୍ଲୀ ଅଭିମୁଖେ ଆସୁଥିବା ବେଳେ ବାଇପାସ୍ ଉପରେ ମାଟି ଗଦା ସହ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସ୍ଥଳରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ସଦରଥାନା ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଅଶ୍ଳୀଳ ଫଟୋ ଭାଇରାଲ୍; ଯୁବକ ଗିରଫ

ଓଡ଼ଗାଁ,୧୧।୧୧(ସମିସ): ଦୁଷ୍କର୍ମ ଏବଂ ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ଅଭିଯୋଗରେ ଓଡ଼ଗାଁ ଥାନା ପୁଷ୍ପ ଭଣ୍ଡାର ସାହି (ଗୁପ୍ତମଠସାହି)ର ବିକାଶ ଜେନା (୨୨)କୁ ଓଡ଼ଗାଁ ପୁଲିସ ଗିରଫ କରିଛି। ସେ ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ସହିତ ତାଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ଅଭିଭାବକ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ବିକାଶକୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିବା ବେଳେ ବିକାଶକୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଖଣ୍ଡପଡ଼ା,୧୧।୧୧(ସମିସ): ଖଣ୍ଡପଡ଼ା ବ୍ଲକ ନିକଟସ୍ଥ ବରପଲ୍ଲୀ ବସ୍‌ଷ୍ଟାଣ୍ଡ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଶିଖରପୁର ପଞ୍ଚାୟତ ଉଜୁଳାଙ୍ଗ ଗ୍ରାମ ଗଣ୍ଡ ସାହିର ରାଜକିଶୋର ବେହେରାଙ୍କ(୨୮) ରବିବାର ରାତିରେ ମୃତ୍ୟୁ ଘଟିଛି। ରାଜକିଶୋର ବାଇକ୍ ଯୋଗେ ଖଣ୍ଡପଡ଼ାରୁ ଗ୍ରାମକୁ ଫେରୁଥିବା ସମୟରେ ବାଟରେ ଦୁର୍ଘଟଣା ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଖଣ୍ଡପଡ଼ା ପୁଲିସ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏଭଳି ଏକ ଦୁଃଖଦ ଘଟଣାକୁ ନେଇ ସମଗ୍ର ଶିଖରପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ୪ ଶହ କେଜି ପୋଚ ନଷ୍ଟ

ଦଶପଲ୍ଲା,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପୁଲିସ ମଝିଆଖଣ୍ଡ, ଜାନିସାହି, ରାଇମଡ଼ା ଅଞ୍ଚଳରେ ଚଢ଼ଉ କରି ୪ ଶହ କେଜି ପୋଚ ନଷ୍ଟ କରିଛି। ଥାନା ଅଧିକାରୀ ଅନିତା ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢ଼ାଉ ପରେ ଦେଶୀମଦ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଦଶପଲ୍ଲା ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଦେଶୀମଦ କାରବାର ହୋଇ ଆସୁଥିଲା। ଏବେ ପୁଲିସ ଚଢ଼ଉ ଏହି କାରବାର ରୋକିବା କ୍ଷେତ୍ରରେ ସହାୟ ହେବ।

## ୧୪ ଅଭିଯୋଗର ତତ୍କାଳ ସମାଧାନ

ଓଡ଼ଗାଁ,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏସ୍‌ପି ଏସ୍ ସୁଶ୍ରୀ, ଏସ୍‌ଡିପିଓ ସୁଧାକର ସାହୁଙ୍କ ଉପସ୍ଥିତିରେ ୮୭ଟି ପଞ୍ଜିକୃତ ଅଭିଯୋଗର ଶୁଣାଣି ହୋଇଥିଲା। ୮୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪ଟି ସାମୂହିକ ଓ ୧ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ସମସ୍ୟା ରହିଥିବା ବେଳେ ରେଡକ୍ରସ ସମ୍ବନ୍ଧୀୟ ସମସ୍ୟା ଶୂନ ରହିଥିଲା। ଶିବିରରେ ୧୪ଟି ସମସ୍ୟାର ତତ୍କାଳ ସମାଧାନ ହୋଇଥିଲା। ଗିରିଡିପଲ୍ଲୀର ଦିବ୍ୟାଙ୍ଗ ସୁଦର୍ଶନ ନାୟକ ଓ ହରିହରପୁର ପଞ୍ଚାୟତର ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା।

ଶିକ୍ଷୟିତ୍ରୀ ବଦଳିକୁ ନେଇ ରୋଚକ ସ୍ଥିତି

## ଏପଟେ ଚାପ; ସେପଟେ ଗ୍ରାମବାସୀଙ୍କ ଦାବି

ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ କେନ୍ଦୁଢିପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବଦଳିକୁ ନେଇ ରୋଚକ ସ୍ଥିତି ଦେଖାଦେଇଛି। ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଉତ୍ତମ ବେହେରା ଦୀର୍ଘବର୍ଷ ଧରି ଉକ୍ତ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ମନମୁଖୀ କାର୍ଯ୍ୟ କରୁଛନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଶଙ୍ଖେଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନ୍‌ରେ ବଦଳି କରାଯାଇଛି। ଗତ ୨୯ ତାରିଖରେ



ବଦଳି ନିର୍ଦ୍ଦେଶ ଆସିଥିବା ବେଳେ ୪ ତାରିଖରେ କେନ୍ଦୁଢିପି ବିଦ୍ୟାଳୟ ପ୍ରଧାନଶିକ୍ଷକ ତାଙ୍କୁ ରିଲିଫ କରିବା ପାଇଁ ଚିଠି କରିଥିଲେ। ମାତ୍ର ଶିକ୍ଷୟିତ୍ରୀ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯାହାକୁ ନେଇ ପ୍ରଧାନଶିକ୍ଷକ ତାଙ୍କୁ ପୋଷ୍ଟାଲ ମାଧ୍ୟମରେ ରିଲିଫ ଅର୍ଡର ପ୍ରଦାନ କରିଥିବା ବେଳେ ଉକ୍ତ ବିଦ୍ୟାଳୟ ଛାଡ଼ିବା ପାଇଁ ଶିକ୍ଷୟିତ୍ରୀ ରାଜି ନଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଶିକ୍ଷୟିତ୍ରୀଙ୍କ ସମ୍ପର୍କୀୟ ବିଜେପି ନେତାଙ୍କ ଦ୍ୱାରସ୍ଥ ହୋଇ ଶିକ୍ଷା ବିଭାଗ ଉପରେ ଚାପ ସୃଷ୍ଟି କରୁଥିବା ଏବଂ ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଥିବା ନେଇ ଆଜି ଗ୍ରାମବାସୀ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି। ଏପରିକି ବିଦ୍ୟାଳୟ ପରିଚାଳନା କମିଟିକୁ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ତାଙ୍କୁ କେନ୍ଦୁଢିପି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି ହୋଇଛି।

■ କୁରାଳରେ ବଢ଼ୁଛି ନିଶା କାରବାର

## ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଲେ ସରପଞ୍ଚ

ଓଡ଼ଗାଁ,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ସର୍ବବୃହତ କୁରାଳ ଗ୍ରାମରେ ଦିନକୁ ଦିନ ବେଆଇନ ନିଶା କାରବାର ବୃଦ୍ଧି ପାଇଥିବାରୁ ଏହାକୁ ବନ୍ଦ କରିବା ନେଇ କୁରାଳ ସରପଞ୍ଚ ବିଜନ ପାଇକରାୟ ଓ ସମିତି ସଭ୍ୟ କନକ ପାତ୍ର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୁରାଳରେ ନିଶାଦ୍ରବ୍ୟ ବିକ୍ରି ପାଇଁ କୌଣସି ସରକାରୀ ସ୍ୱୀକୃତି ପ୍ରାପ୍ତ ଦୋକାନ ନଥିବା ବେଳେ ପ୍ରତ୍ୟେହ ଏଠାରେ ବହୁଳ ମାତ୍ରାରେ ଦେଶୀ ଓ ବିଦେଶୀ ମଦ ସହିତ ଗଞ୍ଜେଇ ଆଦି ମାଦକ ଦ୍ରବ୍ୟ ବିକ୍ରି ହେଉଛି। ଫଳରେ ଗ୍ରାମର କିଛି ଛାତ୍ର, ଯୁବକ ଏବଂ ଅନ୍ୟ ବୟସର ଲୋକମାନଙ୍କ ମଧ୍ୟରେ ନିଶା ସେବନ ଅଭ୍ୟାସ ବୃଦ୍ଧି ପାଇବା ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହା ସହିତ ଦୁର୍ଘଟଣା, ଚୋରି, ରାହାଜାନୀ ଭଳି ଅନେକ ଘଟଣା ଘଟୁଥିବା ବେଳେ ଥାନାରେ ଅଭିଯୋଗ କରିବା ପାଇଁ ଲୋକେ ଭୟ କରୁଛନ୍ତି। ପାରିବାରିକ କଳହ ନିରନ୍ତର ଲାଗିରହିବା ଫଳରେ ଅନେକ ମହିଳା ଗାଁଛାଡ଼ିବାକୁ ବାଧ୍ୟ ହେଉଛନ୍ତି। କିଛି ସରକାରୀ କର୍ମଚାରୀ ଓ ଚୋରା ନିଶାଦ୍ରବ୍ୟ ବେପାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁଁ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଏଣୁ ପଞ୍ଚାୟତର ସରପଞ୍ଚଙ୍କ ସହିତ ଅନ୍ୟ ସମସ୍ତ ଜନପ୍ରତିନିଧି ଆଜିର ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଓଡଗାଁ,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଭଞ୍ଜନଗର-ଭୁବନେଶ୍ୱର ରାଜ୍ୟ ରାଜପଥର ସମ୍ବଠାରୁ ବାଘୁଆ ଛକ ମଧ୍ୟରେ ବାର୍‌ହା ଆକ୍ରମଣରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। କନ୍ଧମାଳ ଜିଲ୍ଲା ଉଦୟଗିରି ଥାନା ସାକାଡି ଗ୍ରାମର ବାବୁଲା ନାୟକ (୩୮) ନିଜ ଗାଁରୁ ଭୁବନେଶ୍ୱରକୁ ବାଇକ୍ ଯୋଗେ ଯାଉଥିବା ସମୟରେ ଭୋର ପ୍ରାୟ ୫ଟା ବେଳେ ଗୋଟିଏ ବାର୍‌ହା ଅତର୍କିତ ଭାବେ ରାସ୍ତାପାର ହେଉଥିବା ବେଳେ ବାଇକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ୍ ସହିତ ଚାଳକ ତଳେ ପିଟି ହୋଇ ପଡିଯାଇଥିଲେ। ସକାଳୁ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଓଡ଼ଗାଁ ଡାକ୍ତରଖାନାକୁ ପଠାଇଥିଲେ। ପରେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

## ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ପୁରୁଣାସହର ମଣ୍ଡାବାଗନ ପଡ଼ିଆଠାରେ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କଳିଙ୍ଗ ହସ୍ପିଟାଲ ନିର୍ଦ୍ଦେଶିକା ନିଲାଞ୍ଜନା ମୁଖାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଦି ଅର୍ଗାନ ଅରକେଷ୍ଟ୍ରା ଭୁବନେଶ୍ୱର କଳାକାର ଏବଂ କଟକ



ନୃତ୍ୟ ମୟୂରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ପୁରୁଣା ସହରରେ ଐତିହ୍ୟ ଓ ସଂସ୍କୃତିକୁ ଉଜୀବୀତ କରିବା ପାଇଁ ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି।

## ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ; ୪ ଗୁରୁତର

ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ଜିଲ୍ଲା ଟାଉନଥାନା ଅନ୍ତର୍ଗତ ଚଣ୍ଡିବସ୍ତ ଗାଁରେ ଶନି ମନ୍ଦିର ପୂଜାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗୋଟିଏ ପରିବାର ଅନ୍ୟ ଏକ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଛି। ଏହି ଗଣ୍ଡଗୋଳରେ ୪ ଜଣ ଆହତ ହୋଇଥିବା ବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟପନ୍ନ ରହିଛି। ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁତର ୩ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଚଣ୍ଡିବସ୍ତ ଗାଁର ସୋମନାଥ ପଲେଇ ଏବଂ ଅନ୍ୟମାନେ ଗାଁରେ ଶନିମନ୍ଦିର ପୂଜା ପାଇଁ ଆଦାୟ ହୋଇଥିବା ଟଙ୍କାର ହିସାବ କରୁଥିବା ସମୟରେ ସେହି ଗାଁର ସାରଙ୍ଗ ବିଶ୍ୱାଳ, ସମୀର ବିଶ୍ୱାଳ, ଜୀବନ ବିଶ୍ୱାଳ, ଗୁମି ପ୍ରଧାନ ଆସି ପୂଜା ନକରିବା ପାଇଁ ଧମକ ଦେଇଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ସାରଙ୍ଗ ଏବଂ ଅନ୍ୟମାନେ ଏକାଠି ହୋଇ ହଠାତ୍ ସୋମନାଥଙ୍କ ପରିବାର ଉପରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ବାପା ବୁଦ୍ଧିଆ, ଜେଜେମା ଓ ଭାଇଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ସୋମନାଥ, ବୁଦ୍ଧିଆ ଏବଂ ସୁଶିଳା ଗୁରୁତର ହୋଇଛନ୍ତି। ଏହି ୩ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଟାଉନଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ବିଭିନ୍ନ ସ୍ଥାନରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

## ଶିକ୍ଷାକ୍ଷେତ୍ରରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ





ନୟାଗଡ଼,୧୧।୧୧(ସମିସ): ନୟାଗଡ଼ ସଦର ବ୍ଲକ ଅନ୍ତର୍ଗତ ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟଠାରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଛି। ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି ଲକ୍ଷ୍ୟ ନେଇ କରାଯାଉଥିବା ଏହି ବିଜ୍ଞାନ ମେଳା ପ୍ରଶଂସନୀୟ ବୋଲି ମତ ଦେଇଥିଲେ। ସେହିଭଳି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଅନେକ ମୂଲ୍ୟବୋଧ ତଥା ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଇଟାମାଟି ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ ଉଭୟ ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନେକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

● **ଗଣିଆ:** ଗଣିଆ ବ୍ଲକ ଆଡ଼କଟା ପଦ୍ମନାଭ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୦ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ପୂର୍ବାହ୍ନରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ବ୍ଲକ ଉପାଧ୍ୟକ୍ଷ ରାଜକିଶୋର ସାହୁ, ଆଡକଟା ସରପଞ୍ଚ ସୁବାସିନୀ ବାରିକି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ୧୨୮ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସେଥିମଧ୍ୟରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିବା ଜଣାପଡିଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣିଆ ତହସିଲଦାର ପ୍ରତୀବାଳା ରଣା, ମୁଖ୍ୟ ବ୍ୟକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ବିନୋଦିନୀ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ନିରୂପମା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସେଣ ଓ ପ୍ରଧାନଶିକ୍ଷକ ଅରବିନ୍ଦ ମହାଳିକ ପ୍ରମୁଖ ଯୋଗ ଦେଇଥିଲେ।

● **ଓଡ଼ଗାଁ:** ଓଡ଼ଗାଁ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ସ୍ଥାନ ପାଇଥିବା ୧୪୨ ପ୍ରକଳ୍ପ ମଧ୍ୟରୁ ବିଚାରକଙ୍କ ଦ୍ୱାରା ମନୋନୀତ ହୋଇଥିବା ୭ ପ୍ରକଳ୍ପ ନୟାଗଡ଼ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ, ଝିଲ୍ଲି ପ୍ରଧାନ, ଉପାଧ୍ୟକ୍ଷ ମୀରା ନାୟକ, ତହସିଲଦାର ମାନସ ରଞ୍ଜନ ଭୋଇ ପ୍ରମୁଖ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମଙ୍ଗଳାଯୋଡ଼ି ପ୍ରକୃତିନିବାସ ସମ୍ମୁଖରେ ଅହୋରାତ୍ର ଧାରଣା ୪୧ ଦିନରେ

**ସାତ ଦିନ ମଧ୍ୟରେ ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି**

**ଟାଙ୍ଗୀ,୧୧।୧୧(ସମିସ):** ଟାଙ୍ଗୀ ବ୍ଲକ ଅଧିନସ୍ଥ ମଙ୍ଗଳାଯୋଡିଠାରେ ଥିବା ପ୍ରକୃତି ନିବାସ ପରିଚାଳନା ଦାୟିତ୍ୱକୁ ନେଇ ଗ୍ରାମବାସୀଙ୍କ ଅହୋରାତ୍ର ଧାରଣା ସୋମବାର ୪୧ ଦିନରେ ପହଞ୍ଚିଛି। ଆଜି ଘଟଣାସ୍ଥଳରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ପହଞ୍ଚି ସପ୍ତାହକ ମଧ୍ୟରେ ସମାଧାନ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନରୁ ଓହରିବାକୁ ଅନୁରୋଧ କରିଥିଲେ। ହେଲେ ସରକାରୀ ଘୋଷଣା ପରେ ଧାରଣାରୁ ଓହରିବୁ ବୋଲି ମଙ୍ଗଳାଯୋଡି ଜଙ୍ଗଲ କମିଟି ସଭାପତି ପ୍ରମୋଦ ବେହେରା ସୂଚନା ଦେଇଛନ୍ତି। ଏହି ଆଲୋଚନାରେ ମଙ୍ଗଳାଯୋଡି ସରପଞ୍ଚ ମାନସ ରଂଜନ ସାମନ୍ତରାୟ, ମଙ୍ଗଳାଯୋଡି ବାର୍ଡ ଭିୟୁ ରିସର୍ଟର ମାନସ ରଂଜନ ପ୍ରଧାନ, ଶିବ ମାଝୀ, ପ୍ରମୋଦ ବେହେରା, ପ୍ରଦୀପ ଜେନା, ସରୋଜିନୀ ପ୍ରଧାନ, ସସ୍ମିତା ମଲିକ, ଜିଲ୍ଲା ବିଜେପି ସଂପାଦକ ହେମନ୍ତ କୁମାର ବେହେରା ଓ ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ରାଉନସୁଗର ଜବତ; ଜଣେ ଗିରଫ

**● ଖସିଗଲା ଗରାଖ, ୨ ବାଇକ୍ ଓ ମୋବାଇଲ ଜବତ**

**ଖୋର୍ଦ୍ଧା,୧୧।୧୧(ସମିସ):** ବେଳକୁ ବେଳ ଖୋର୍ଦ୍ଧାରେ ବ୍ରାଉନସୁଗର କାରବାର ବଢ଼ିଚାଲିଛି। ଜିଲ୍ଲା ପୁଲିସ ପକ୍ଷରୁ ଚାଲିଥିବା ନିଶା ମୁକ୍ତି ଅଭିଯାନକୁ ମିଳିଛି ପୁଣି ଆଉ ଏକ ସଫଳତା। ଶିଳ୍ପାଞ୍ଚଳ ଥାନା ପୁଲିସ ଜଟଣୀ ବାଇପାସ ରୋଡ ମୋଦି ପଡିଆ ଠାରେ ଚଢଉ କରି ୨୧.୧୬ଗ୍ରାମ ବ୍ରାଉନସୁଗର ଜବତ କରିଛି। ସେଠାରୁ ୨ଟି ବାଇକ, ମୋବାଇଲ ଫୋନ, ପ୍ୟାନ କାର୍ଡକୁ ପୁଲିସ ଜବତ କରିଛି। ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ଗ୍ରାହକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଗିରଫ ଜଣକ ହେଲେ ଶାଗୁଆନ ବଗିଚାର ସନ୍ତୋଷ ରାଉତରାୟ ଓରଫ ପିଣ୍ଟୁ (୨୫)। ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କ ଜେଲ ହାଜତକୁ ପଠାଇ ଦିଆଯାଇଛି।ସୂଚନା ଅନୁସାରେ, ପିଣ୍ଟୁ ବେପାର କରୁଥିବାନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପୁଲିସ ତା ଉପରେ ନଜର ରଖିଥିବାବେଳେ ସୋମବାର ପୂର୍ବାହ୍ନରେ ସେ ମୋଦି ପଡିଆଠାରେ ଜଣେ ଗ୍ରାହକକୁ ମାଲ ଦେଉଥିବା ବେଳେ ଏସଆଇ ବାସୁଦେବ ଜୟସିଂ ଓ ଏସ୍ଆଇ ସସ୍ମିତା ବେହେରା ଓ ଟିମ୍ ପିଣ୍ଟୁକୁ କାବୁ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଟ୍ରକ୍ ଡ୍ରାଇଭର ମୃତ

**ଖୋର୍ଦ୍ଧା,୧୧।୧୧(ସମିସ):** ୧୬ନଂ ଜାତୀୟ ରାଜପଥର ବରୁଣେଇ ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୁଲିସ ମୃତଦେହ ଏବଂ ତାଙ୍କ ଟ୍ରକ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଜାତୀୟ ରାଜପଥର ବରୁଣେଇ ଓଭରବ୍ରିଜ ନିକଟରେ ଗାଡି ପାର୍କିଂ କରି ଶୌଚ ହେବା ନିମନ୍ତେ ଟ୍ରକ ଚାଳକ ରାସ୍ତାପାର ହେଉଥିଲେ। ଏହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବିଭିନ୍ନ ସଙ୍ଗୀନ ମାମଲାରେ ଯୁବକ ଗିରଫ

**ନିରାକାରପୁର,୧୧।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ବିଭିନ୍ନ ସଙ୍ଗୀନ ମାମଲାରେ ଅଭିଯୁକ୍ତ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଖଜୁରୀପଡ଼ା ଗ୍ରାମର ଏମଡି ଆସିଫ୍ ଶାହା ଓରଫ ଆଶିକ। ଆଶିକ୍ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି।

# ନିଖୋଜ ଯୁବତୀଙ୍କ ଗଳିତ ଶବ ପରିତ୍ୟକ୍ତ କୂଅରୁ ଉଦ୍ଧାର


ହତ୍ୟା ସନ୍ଦେହ

**ନିରାକାରପୁର,୧୧।୧୧(ସମିସ)**

ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନନପଡ଼ା ସାହିର ଉମେଶ ପ୍ରଧାନଙ୍କ ଝିଅ ଜ୍ୟୋତିର୍ମୟୀ ପ୍ରଧାନ ଓରଫ ରୋନା (୨୦) ଙ୍କ ଗଳିତ ମୃତ ଦେହ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର ହୋଇଛି।

ସୂଚନାଯୋଗ୍ୟ ଗତ ୭ ତାରିଖରେ ରୋନା ଘରେ ଥିବା ବେଳେ କେହି ଜଣେ ଫୋନ କରି ଡାକିଥିବା ତାଙ୍କ ବାପା ସୂଚନା ଦେଇଛନ୍ତି। ପରେ ସେ ଘରୁ ବାହାରି ଆସିବା ପରଠାରୁ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ସୋମବାର ଅପରାହ୍ନରେ ଯୁବତୀଙ୍କ ବାଡି ନିକଟରେ ଥିବା ଏକ କୂଅରୁ ଦୁର୍ଗନ୍ଧ ବାହାରିବାରୁ ପରିବାର ଲୋକେ ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ନିରାକାରପୁର ଆଇଆଇସି ବିଶ୍ୱଜିତ୍ ରାଉତରାୟ ପହଞ୍ଚି ଦମକଳ ବାହିନୀ ସାହାଯ୍ୟରେ କୂଅରୁ ଶବ ଉଦ୍ଧାର କରିବାରେ ତାହା ରୋନାଙ୍କର ଥିବା ଜଣାପଡିଛି। ପୁଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଝିଅକୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

# କଳାକାର ଲକ୍ଷ୍ମୀଧର ତ୍ରିପାଠୀଙ୍କ ସ୍ମୃତିସଭା

**ଖୋର୍ଦ୍ଧା,୧୧।୧୧(ସମିସ):** ଖୋର୍ଦ୍ଧା ସାହିତ୍ୟ ସଂସଦ ଏବଂ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଦିବଂଗତ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ତ୍ରିପାଠୀ ହାଇସ୍କୁଲର ଇଂରାଜୀ ଶିକ୍ଷକ ସହ ଆକାଶବାଣୀର ଜଣେ କଳାକାର ଥିଲେ। ନାଟକର ଭିତ୍ତିଭୂମି ସୃଷ୍ଟି କରିବା ସହିତ ସେ ବେତାର, ଚଳଚ୍ଚିତ୍ର ଓ ଦୂରଦର୍ଶନର ଜଣେ ଉଚ୍ଚକୋଟୀର କଳାକାର ଭାବେ ସୁନାମ ଅର୍ଜନ କରିପାରିଥିଲେ। ବହୁ ଉଚ୍ଚ ବିଦ୍ୟାଳୟରେ ସେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ଆକାଶବାଣୀରେ ପ୍ରସାରିତ କାର୍ଯ୍ୟକ୍ରମ 'ମହିଷାମର୍ଦ୍ଦିନୀ'ରେ ମହିଷାସୁର ଭୂମିକାରେ ଅଭିନୟ କରି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଶୋକ ପ୍ରସ୍ତାବ ଆଗତ ହୋଇଥିଲା। ଏଥିରେ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ସମେତ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ହେମନ୍ତ ବେହେରା, ରାଜାରାମ ବେହେରା, ଚିନ୍ମୟୀ ପଣ୍ଡା, ବଂଶୀଧର ଦାଶ, ସତ୍ୟାନନ୍ଦ ବେହେରା, ବିନତୀ ମିଶ୍ର ପ୍ରମୁଖ ସ୍ୱର୍ଗତ ତ୍ରିପାଠୀଙ୍କ ସ୍ମୃତିଚାରଣ କରିଥିଲେ।

# ଚିଲିକା ସେଲଡକ୍ ଅନ୍ତର୍ଜାତୀୟ ଲୋକକଳା ମହୋତ୍ସବର ତୃତୀୟ ଦିବସ

**ବାଲୁଗାଁ, ୧୧।୧୧(ସମିସ):** ବାଲୁଗାଁ ନିକଟସ୍ଥ ବଡକୂଳର ଚିଲିକା ତଟଦେଶ ସ୍ଥିତ ଓଡ଼ିଆର୍ଟ ସେଣ୍ଟର ପରିସରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଚିଲିକା ସେଲଡକ ଅନ୍ତର୍ଜାତୀୟ ଲୋକକଳା ମହୋତ୍ସବର ଦଶମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସରରେ ବିଭିନ୍ନ ରାଜ୍ୟର କଳାକାରଙ୍କ ଲୋକବାଦ୍ୟ ପରିବେଷଣ ଶ୍ରୋତାଙ୍କ ମନୋରଞ୍ଜନ କରିଥିଲା। ସୋମବାର ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହ ସ୍ଥାନୀୟ ଏସଏଚଜି ଗୋଷ୍ଠୀର ମହିଳା ଓ ଛାତ୍ରୀଙ୍କ ମଧ୍ୟରେ ଲୋକ ସଂସ୍କୃତି ହୁଳହୁଳି, ପୁଚି ଖେଳ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହୋତ୍ସବରେ ବଙ୍ଗର ଶ୍ରୀଖୋଳ, ମଣିପୁରର ଢୋଲ ଛଲମ୍, ଆସାମର ଭୋର ତାଲ, ମହାରାଷ୍ଟ୍ରର ମହାଢୋଲ, ଆନ୍ଧ୍ର ପ୍ରଦେଶର କାରାଘମ



କାବାଡି, ଓଡିଶାର ଘଣ୍ଟ, ମାର୍ଦ୍ଦଳ, ଢେମସା ଆଦି ଦେଶର ବିଭିନ୍ନ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକବାଦ୍ୟ ସାମିଲ ହୋଇ କଳା ପ୍ରଦର୍ଶନ କରୁଛନ୍ତି। ଲୋକବାଦ୍ୟର ଏକ ମହା ସଂଯୋଗ ସୃଷ୍ଟି କରିବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ଓଡିଆର୍ଟର ଉପଦେଷ୍ଟା ପ୍ରସନ କୁମାର ଦାସ କହିଛନ୍ତି। ବିଶେଷ ଆକର୍ଷଣ ଥିଲା ଗିରିଧର ଗମାଙ୍ଗ ଓ ଗ୍ରୁପ ଦ୍ୱାରା ଫ୍ୟୁଜନ ବାଦ୍ୟ ସଂଗୀତ ପରିବେଷଣ ସହିତ ୱେଷ୍ଟ ବେଙ୍ଗଲ, ମଣିପୁର ଏବଂ ଭିଏତନାମା ଓ ଭାରତର କଳାକାରଙ୍କ ଦ୍ୱାରା ମିଳିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି। ଚଳିତ ମହୋତ୍ସବରେ ପ୍ରଥମ ଥର ପାଇଁ ଲୋକ ବାଦ୍ୟ ଥିମ୍‌କୁ ନେଇ ଏପରି ଏକ ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏସିଆର ତାଳ ସଙ୍ଗୀତ ଓ ସଂଯୁକ୍ତ ବାଦ୍ୟ କାର୍ଯ୍ୟକ୍ରମ ଚଳିତ ବର୍ଷ ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଛି। ଏହି ଲୋକକଳା ମହୋତ୍ସବ ୧୩ରେ ଉଦଯାପିତ ହେବ ବୋଲି ଓଡିଆର୍ଟ କେନ୍ଦ୍ରର ସଚିବ ମାନସ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# କମାଗୁରୁରେ ୩୯ ହାତୀ; ଲୋକେ ଆତଙ୍କିତ



**ନିରାକାରପୁର,୧୧।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଏକ ନିତିଦିନିଆ କଥାରେ ପରିଣତ ହେଲାଣି। ଏବେ ୩୯ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ଅଞ୍ଚଳରେ ବୁଲୁ ଥିବାବେଳେ ଓଳସିଂହ, ଡମଣଭୂମି, କମାଗୁରୁ ଓ ନାରଗୋଦା, ଜଙ୍କିଆ ନିକଟ ଜଙ୍ଗଲ ଛାଡ଼ି କେଉଁ ଆଡେ ଯାଉ ନାହାଁନ୍ତି। ବନ ବିଭାଗ ବହୁ କଷ୍ଟ କରି କେତୋଟି ହାତୀଙ୍କୁ ଅନ୍ୟତ୍ର ଛାଡ଼ି ଦେଇଥିବାବେଳେ ପୁଣି କିଛି ହାତୀ ଟାଙ୍ଗୀ ବନାଞ୍ଚଳରେ ଡ଼େରା ପକାଇବା ଆରମ୍ଭ କରିବାରେ ଲାଗିଛନ୍ତି। ଗତକାଲିଠାରୁ ରଣପୁର ବନାଞ୍ଚଳରୁ ୩୯ଟି ହାତୀ ଆସି କମାଗୁରୁ ସାହାଡ଼ା ଜଙ୍ଗଲରେ ଡେରା ପକାଇଥିବା ସନ୍ଧ୍ୟାରେ ସେଥିରୁ ୨୧ ଟି ହାତୀ ଦୁଧିଅଝରକୁ ଯାଇଥିବା ସୂଚନା ମିଳିଛି। ଆଉ ଏକ ହାତୀ ବଘେଇପୁଟ ଜଙ୍ଗଲରେ ରହିଛି। ଅଳ୍ପସଂଖ୍ୟକ ବନ କର୍ମଚାରୀ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବା ଛଡ଼ା ଅନ୍ୟ କିଛି କରିବାରେ ନିରୂପାୟ ହୋଇ ପଡ଼ିଛନ୍ତି। ଫଳରେ ହାତୀ କେବଳ ଜଙ୍ଗଲରୁ ଧାନ କିଆରୀ, ବଜାର, ରାସ୍ତା ହେଉଛନ୍ତି। ଫଳରେ ଟାଙ୍ଗୀ ବନାଞ୍ଚଳରେ ଲୋକମାନେ ଭୟଭୀତ ସ୍ଥିତିରେ ରହୁଛନ୍ତି। ପ୍ରକାଶଥାଉକି କେତେବେଳେ ହାତୀ ତ ଆଉ କେତେବେଳେ ମଣିଷ ମୃତ୍ୟୁ ମୁଖରେ ପଡୁଛି। ଦୀର୍ଘ ଦିନ ଧରି ଅଞ୍ଚଳରେ ହାତୀପଲ ଏଣେତେଣେ ଖାଦ୍ୟ ଅନ୍ୱେଷଣରେ ଘୁରି ବୁଲୁଥିବା ବେଳେ ମଣିଷଙ୍କ ବିରୋଧର ଶିକାର ହୋଇ ଉଗ୍ରରୂପ ଧାରଣ କରୁଛନ୍ତି। ଘରଦ୍ୱାର ଭାଙ୍ଗିବା, ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ କରିବା ସହ ମଣିଷଙ୍କୁ ଆକ୍ରମଣ କରିବାରୁ ବନ ବିଭାଗ ଯେତେ ଚେଷ୍ଟା କଲେ ବି ରୋକିବାରେ ବିଫଳ ହେଉଛି।

# ଶ୍ରୀରାମକୃଷ୍ଣ ଗୋ-ତୀର୍ଥ ଉଦ୍‌ଘାଟିତ

**ଖୋର୍ଦ୍ଧା,୧୧।୧୧(ସମିସ):** ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଖୋର୍ଦ୍ଧା ପ୍ରଖଣ୍ଡ ଆନୁକୂଲ୍ୟରେ ଶ୍ରୀରାମ କୃଷ୍ଣ ଗୋ-ତୀର୍ଥର ଦ୍ୱିତୀୟ ଗୋଶାଳା ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ହୋମଯଜ୍ଞ ପରେ ସମୂହ ଗୋପୂଜନ ଏବଂ ଗୋ ଆଳତି କାର୍ଯ୍ୟକ୍ରମ କରାଯାଇଥିଲା। ଏକାଧିକ ଦମ୍ପତି ଗୋମାତାଙ୍କୁ ପୂଜନ ଓ ଆଳତି କରିଥିଲେ। ଏହି ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ବିଭାଗ ସମ୍ପାଦକ ପିଙ୍କୁ ବିଦ୍ୟାଧର ଭାରତୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ଗୋବଂଶ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ଉପସଭାପତି ନରେନ୍ଦ୍ର ସାହୁ, ସହ-ଜିଲ୍ଲା ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନୂତନଜିତ ଚମ୍ପତି, ଜିଲ୍ଲା ସଂଯୋଜକ ଉଦିତ ପ୍ରହରାଜ, ସହ-ଜିଲ୍ଲା ସଂଯୋଜକ ଏସ.ଏମ. ଦିବ୍ୟ ପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା, ପ୍ରଖଣ୍ଡ ସମ୍ପାଦକ ଗୋପବନ୍ଧୁ ସାହୁ, ସହ ସଂଯୋଜକ ଅଜୟ ମାଝୀଙ୍କ ସମେତ ଗୋଶାଳାର ସମସ୍ତ କମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରୀରଙ୍ଗନାଥ ଦେବଙ୍କ ହରିହର ବେଶ

**ବାଲୁଗାଁ,୧୧।୧୧(ସମିସ):** ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବ ସୋମବାର ହରିହର ବେଶରେ ଦର୍ଶନ ଦେଇଛନ୍ତି। କାର୍ତ୍ତିକ ମାସରେ ଦୀପାବଳି ଅମାବାସ୍ୟା ଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡ଼ିଲେ ମହାପ୍ରଭୁଙ୍କ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ତେବେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରାଇ ଦାମୋଦର ବେଶରେ ଏହି ମାସ ତମାମ ଦର୍ଶନ ଦେଇଥାନ୍ତି। ଏହି କ୍ରମେ ଶୁକ୍ଳ ଦଶମୀ ସୋମବାରରେ ପୁଷ୍ପାଳକ ସେବକ ବଡ଼ଠାକୁରଙ୍କୁ ହରିହର ବେଶରେ ସୁସଜ୍ଜିତ କରିଛନ୍ତି। ଏହି ବେଶରେ ବଡ଼ ଠାକୁର ଅର୍ଦ୍ଧେକ ଅଂଶ ଧଳା ଓ ଅର୍ଦ୍ଧେକ ଅଂଶ



କଳା ବସ୍ତ୍ର ସହ ବିଭିନ୍ନ ପ୍ରକାରର ସୁବର୍ଣ୍ଣ ଅଳଙ୍କାର ପରିଧାନ କରି ଦର୍ଶନ ଦେଇଛନ୍ତି। ସକାଳୁ ଦ୍ୱାରଫିଟା, ମଙ୍ଗଳାର୍ପଣ, ରୋଷହୋମ, ଦ୍ୱାରାପାଳ ପୂଜା, ସୂର୍ଯ୍ୟପୂଜା ପରେ ଆଳତୀ ପରେ ହରିହର ବେଶରେ ଶ୍ରୀଜୀଉ ସୁସଜ୍ଜିତ ହୋଇଛନ୍ତି। ବିଶେଷ କରି କାର୍ତ୍ତିକ ହବିଷିଆଳି ଏହି ହରିହର ବେଶ ଦର୍ଶନ କରି ପୂଣ୍ୟ ଅର୍ଜନ କରିଛନ୍ତି। ଶ୍ରୀ ରଙ୍ଗନାଥ ଦେବଙ୍କ ରାଇ ଦାମୋଦର ବେଶ ସହ ହବିଷ୍ୟାଳିଙ୍କ ପ୍ରତ୍ୟେହ ଶ୍ରୀଜୀଉଙ୍କ ଦର୍ଶନରେ ଆଧାତ୍ମିକ ପରିବେଶ ଯୋଗୁଁ ବାଣପୁର ଉତ୍ସବମୁଖର ହୋଇ ପଡ଼ିଛି।

# ବିଶିଷ୍ଟ ଶିକ୍ଷାବିତ୍ ବି.ରଙ୍ଗନାଥନ୍‌ଙ୍କ ଜୟନ୍ତୀ

**ନାଚୁଣୀ,୧୧।୧୧(ସମିସ):** ବିଶିଷ୍ଟ ଶିକ୍ଷାବିତ୍, ଇଂରାଜୀ ଭାଷା ତତ୍ତ୍ୱବିତ୍ ତଥା ନାଚୁଣୀ ମହାବିଦ୍ୟାଳୟର ପ୍ରାକ୍ତନ୍ ଅଧ୍ୟକ୍ଷ ବି.ରଙ୍ଗନାଥନ୍‌ଙ୍କ ଜୟନ୍ତୀ ରାଜ୍ୟ ପୂଜ୍ୟପୂଜା ସଂସଦ ଚିଲିକା ଶାଖା ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ବି.ରଙ୍ଗନାଥନ୍‌ଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ନାଗରିକ ସଂଘର ସଭାପତି ଅଶ୍ୱିନୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାଳିଜାଇ



କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା 'ଜାଗୃତିକା'ର ସଭାପତି ଗଙ୍ଗାଧର ପ୍ରଧାନ, ଗାୟକ ଦକ୍ଷୀଣ କେଶରୀ ରାମଚନ୍ଦ୍ର କର, ଅଧ୍ୟାପକ ଗୋଲକ ବିହାରୀ ବାରିକ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ ପତି, ପ୍ରାକ୍ତନ ଲାଇବ୍ରେରୀଆନ୍ ରାମଚନ୍ଦ୍ର ମାର୍ଥା, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଅଧ୍ୟାପକ ବିଶ୍ୱଭୂଷଣ ରଥ, ଶିକ୍ଷକ ପଠାଣି ବଳବନ୍ତରାୟ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ଶିକ୍ଷକ ସୁରେନ୍ଦ୍ର ନାଥ ସ୍ୱାଇଁ, ଶିକ୍ଷକ ବିଭୂତି ଭୂଷଣ ଦାଶ, ଭରତ ସାହୁ, ରମେଶ ଭୋଳ, ଦୁର୍ଯ୍ୟୋଧନ ବେହେରା, ଶରତ ଶତପଥୀ ଓ ହରିପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ ବେହେରା ପ୍ରମୁଖ ସ୍ୱର୍ଗତ ବି.ରଙ୍ଗନାଥନ୍‌ଙ୍କୁ ଜଣେ ଦକ୍ଷ ପ୍ରଶାସକ ଭାବେ ଅଭିହିତ କରିବା ସହ ସେ ଜଣେ ସତ୍ୟନିଷ୍ଠ, କର୍ତ୍ତବ୍ୟପରାୟଣ ଓ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି କହିଥିଲେ। ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲ୍ଲୀପ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

# କାଳିଆ ତୁଳସୀ ରଥକୁ ସ୍ୱାଗତ

**ଖୋର୍ଦ୍ଧା,୧୧।୧୧(ସମିସ):** ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ପକ୍ଷରୁ ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ ନିମନ୍ତେ ଫୁଲ ଓ ତୁଳସୀ, ପଦ୍ମଫୁଲ ଓ ଗେଣ୍ଡୁଫୁଲ ଲାଗି ହେବା ପାଇଁ ପଞ୍ଚମ ବର୍ଷ ପାଇଁ ଅଳାଁ ନବମୀ ରବିବାରଠାରୁ ପାତାଳି ଶ୍ରୀକ୍ଷେତ୍ରରୁ ବାହାରିଥିବା କାଳିଆ ତୁଳସୀ ଯାତ୍ରା ସୋମବାର ଖୋର୍ଦ୍ଧାରେ ପହଁଚିଥିଲା। ସ୍ଥାନୀୟ ଗୀତାଭବନରେ ତୁଳସୀ ଯାତ୍ରାକୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଜଗନ୍ନାଥପ୍ରେମୀ ଭବ୍ୟ ସ୍ୱାଗତ କରିଥିଲେ। ପରେ ଏଠାରୁ ରଥ ଭୁବନେଶ୍ୱର, ସାକ୍ଷୀଗୋପାଳ ଦେଇ ଶ୍ରୀକ୍ଷେତ୍ରରେ ଅପରାହ୍ନରେ ପହଁଚିଛି। ଗୁଣ୍ଡିଚା ମନ୍ଦିରରୁ ବିଭିନ୍ନ ସ୍ଥାନରୁ ସଂଗୃହୀତ ତୁଳସୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଅର୍ପଣ କରିଥିଲେ। ଖୋର୍ଦ୍ଧାରେ ଗୀତା ଭବନ ସମ୍ପାଦକ ଶକ୍ତିଶଙ୍କର ମିଶ୍ର, ଡ. ଧିରେନ୍ଦ୍ର ନନ୍ଦ, ବିମଳଚନ୍ଦ୍ର ଷଡଙ୍ଗୀ, ରାଜୀବଲୋଚନ ଷଡଙ୍ଗୀ, ଲୋତକବିନ୍ଦୁ ପଟ୍ଟନାୟକଙ୍କ ସମେତ ବହୁ ଜଗନ୍ନାଥପ୍ରେମୀ ତୁଳସୀ ଅର୍ପଣ କରିଥିଲେ।

ଶ୍ରୀ ଜଗନ୍ନାଥ ସଂସ୍କୃତି ସମିତି ପକ୍ଷରୁ ଚନ୍ଦ୍ରଶେଖର ଓତା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁରେଶ ମିଶ୍ର, ଶ୍ରୀବତ୍ସ



ମଲ୍ଲିକ, ଶ୍ୟାମା ଓମ୍ ପ୍ରସାଦ ମିଶ୍ର, ବ୍ୟାସଦେବ ମିଶ୍ର, ସଞ୍ଜୟ ମହାପାତ୍ର, ଗଦାଧର ବାରିକ, ବେଣୀମାଧବ ବେଦବାକ, ହିମାଂଶୁ ଶେଖର ପଣ୍ଡା, ସୁନନ୍ଦା ସାହୁ, ଆରତୀ ଖମାରୀ, ପ୍ରସାଦ ପ୍ରଧାନ, ମନୋଜ ଅଗ୍ରୱାଲ, ଶ୍ରୀକାନ୍ତ ସାହୁ, ନାରାୟଣ ପାଢ଼ୀ, ଆରତୀ ପାଣ୍ଡିଆ ପ୍ରମୁଖ ଯୋଗ ଦେଇଛନ୍ତି।

# ଟ୍ରିପଲ 'ଏ'ର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଖୋର୍ଦ୍ଧା,୧୧।୧୧(ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଛି। କ୍ରୀଡ଼ାର ପ୍ରତୀକ ମଶାଲ ବିଦ୍ୟାଳୟ ନିକଟସ୍ଥ ରଘୁନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଭାରତ ସ୍କାଉଟ୍‌ସ ଓ ଗାଇଡର ରାଜ୍ୟ ପ୍ରଶାସନିକ ଅଧିକାରୀ ତଥା ଗାଇଡ କମିଶନର ଅନାମିକା ଦାସ, ବିଦ୍ୟାଳୟ ପ୍ରତିଷ୍ଠାତା ଡା.ନନ୍ଦକିଶୋର ପଟ୍ଟନାୟକ, ଅଧକ୍ଷା ଦିପ୍ତିମୟୀ ମହାନ୍ତି ପ୍ରମୁଖ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ



ଉଦଘାଟନ କରିଥିଲେ। ବିଦ୍ୟାଳୟର ୪ଟି ହାଉସର ଛାତ୍ରଛାତ୍ରୀ ମାର୍ଚ୍ଚ ଫାଷ୍ଟ କରି ଉତ୍ସବକୁ ଅଧିକ ମନୋରମ କରିଥିଲେ। ଖେଳ ମଧ୍ୟରେ ଏକତା ଓ ଶାନ୍ତି ବଜାୟ ରଖିବାକୁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ସ୍ନେହା ଓ ନବମ ଶ୍ରେଣୀର ଛାତ୍ରୀ ରୋଜାଲିନ ପରିଚାଳନା କରିଥିବାବେଳେ ଇଂରାଜୀ ବିଭାଗର ମୁଖ୍ୟ ଶିକ୍ଷକ ସତ୍ୟଜିତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଚିରଞ୍ଜିତ ଶିଠଙ୍କ ତତ୍ତ୍ୱାବଧାନରେ ସମାହିତ ହୋଇଥିଲା। ଏହି ଉତ୍ସବଟି ୧୩ ତାରିଖ ଯାଏଁ ଚାଲିବ ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ବାବା ହଟ୍ଟକେଶ୍ୱର ଦେବଙ୍କ ବେଢ଼ା ପରିକ୍ରମା ଉଦ୍‌ଯାପିତ



**ବେଗୁନିଆ,୧୧।୧୧(ସମିସ):** ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ସ୍ଥିତ ବାବା ହଟ୍ଟକେଶ୍ୱର ଦେବ ତଥା ଏକାଦଶ ରୁଦ୍ରଙ୍କ ପୀଠରେ ବେଢ଼ା ପରିକ୍ରମା ଉଦଯାପିତ ହୋଇଛି। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ସନ୍ଧ୍ୟାରେ ବାବା ହଟ୍ଟକେଶ୍ୱରଙ୍କୁ ଛୋଟ ବିମାନରେ ବସାଇ ତିନି ଥର ମନ୍ଦିର ପରିସରରେ ଘଣ୍ଟ ଓ ଗିନି ଖୋଳର ତାଳେ ତାଳେ ହରିବୋଲ ଓ ହୁଳହୁଳି ଧ୍ୱନିରେ ଭକ୍ତିମୟ ପରିବେଶରେ ପ୍ରଦକ୍ଷିଣ କରିଥାନ୍ତି। ଚଳିତ ମାସ ଶେଷ ସୋମବାର ହୋଇଥିବାରୁ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସେହିପରି ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡା ଗ୍ରାମ ସ୍ଥିତ ଲୋକନାଥ ଦେବଙ୍କ ପୀଠରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

**ବାଣପୁର,୧୧।୧୧(ସମିସ):** ବାଣପୁର ଆଦର୍ଶ ଆରୋଗ୍ୟ ସେବା ସଦନ ଓ ହେଲଥ ଭିଲେଜ ହସ୍ପିଟାଲ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ବାଣପୁର ବ୍ଲକ ସାନହନୁଆଡ଼ ଗ୍ରାମରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ହେଲଥ ଭିଲେଜ ହସ୍ପିଟାଲ ତଥା ଡାକ୍ତର ଶୋଭନ ରଥ ଓ ଡାକ୍ତର ରାମକୃଷ୍ଣ ପାତ୍ର ଚିକିତ୍ସା କରିବା ସହ ଆବଶ୍ୟକୀୟ ଔଷଧ ବିତରଣ କରିଥିଲେ। ଶିବିରକୁ ଆଦର୍ଶ ଆରୋଗ୍ୟ ସେବା ସଦନର ସଂଗଠକ ଭି. କାମେଶ୍ୱର ଆଚାରୀ ପରିଚାଳନା କରିଥିବା ବେଳେ ଭି. ଶିବ କୁମାର, ଭବାନୀ ଶଙ୍କର ମିଶ୍ର, ଭି. ଜଗନ୍ନାଥ ଆଚାରୀ, ସ୍ୱାସ୍ଥ୍ୟ ସହାୟକ ପ୍ରଦୀପ ସାହୁ, ସୁଧୀର ପ୍ରଧାନ, ଜଳନ୍ଧର ପ୍ରଧାନ ଓ ଖୋର୍ଦ୍ଧା ସମବାୟ ହିସାବରକ୍ଷକ ନନ୍ଦ କିଶୋର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# କାର୍ତ୍ତିକ ଶେଷ ସୋମବାର ମନ୍ଦିରରେ ଭିଡ଼

ଭୂଷଣ୍ଡପୁର,୧୧।୧୧(ସମିସ): କାର୍ତ୍ତିକ ମାସ ଶେଷ ସୋମବାରରେ ଐତିହାସିକ ଶୈବପୀଠ ବାବା ଐଶାନେଶ୍ୱର ଦେବ ଦର୍ଶନ କଲେ ଶତାଧିକ ଶ୍ରଦ୍ଧାଳୁ। କାର୍ତ୍ତିକ ମାସର ଶେଷ ୫ଦିନ ଅର୍ଥାତ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପରମ ପବିତ୍ର ଦିବସ। ଶୈବ ପୀଠରେ ରାତ୍ର ୩ଟାରେ ଦ୍ୱାରାଫିଟା ନୀତି ପରେ ମହାସ୍ନାନ, ବଲ୍ଲଭ ନୀତି, ଖଇ ଦହି ଧୂପ, ମଧ୍ୟାହ୍ନ ଧୂପ, ଅପରାହ୍ନ ୪ଟାରେ ଠାକୁରଙ୍କ ଚଳନ୍ତି ପ୍ରତିମା ଦୋଳ ବେଢା ପରିକ୍ରମା କରି ସନ୍ଧ୍ୟା ଆଳତୀ ହୋଇ ମନ୍ଦିର ପହଡ଼ ପଡ଼େ। ଆସନ୍ତା ବଡ଼ ଓଷା ଦିନ ବାବାଙ୍କ ନିକଟରେ ବିଭିନ୍ନ ପୂଜା ପାଠ କରାଯିବ। ଏହିଦିନ ଶ୍ରଦ୍ଧାଳୁ ଶହ ଶହ ସଂଖ୍ୟାରେ ଉପସ୍ଥିତ ରହି ଶୈବ କୃପା ଲାଭ କରିବେ।

**ଖୋର୍ଦ୍ଧା ଜିଲ୍ଲା ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍**

# ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ବିଜୟୀ



**ଖୋର୍ଦ୍ଧା,୧୧।୧୧(ସମିସ)**

ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ଚାଲିଥିବା ସିନିୟର୍ ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଖୋର୍ଦ୍ଧା କ୍ରିକେଟ କ୍ଲବ ଏବଂ କେ.ଟି. ଗ୍ଲୋବାଲ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା କ୍ରିକେଟ କ୍ଲବ ୭ୱିକେଟରେ କେ.ଟି. ଗ୍ଲୋବାଲ କ୍ରିକେଟ୍ କ୍ଲବକୁ ପରାସ୍ତ କରିଛି। କେ.ଟି. ଗ୍ଲୋବାଲ କ୍ଲବ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ ଓଭରରେ ୮ଟି ୱିକେଟ ହରାଇ ୧୮୪ରନ୍ କରିଥିଲା। ଦଳ ପକ୍ଷରୁ ତୁହିନାନ୍ସୁ ଅପରାଜିତ ୫୩ ରନ୍, ୱିସ୍ ଦତ୍ତ ୩୧ ରନ ଓ ଇଭାନ କଳାପାହାଡ଼ ୨୨ରନ୍ କରିଥିଲେ। ଖୋର୍ଦ୍ଧା କ୍ରିକେଟ୍ କ୍ଲବ ପକ୍ଷରୁ ଓମ୍ ନାରାୟଣ ଓ ସୁମିତ୍ ମହାରଣା ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ ଏକ ସମୟରେ ୫୭ ରନ୍‌ରେ ୩ ଟି ୱିକେଟ ହରାଇଥିବାବେଳେ ଏମ. ସନ୍ତୋଷ ଦୋରାଙ୍କ ଅପରାଜିତ ୧୧୩ ରନ ଓ ତାରିଣୀ ନାୟକଙ୍କ ଅପରାଜିତ ୩୯ ରନ ସହ ଅସମାପ୍ତ ୪ର୍ଥ ୱିକେଟ ଯୋଡ଼ିରେ ୧୩୦ ରନ୍ କରି ୩୩ ଓଭର୍‌ରେ ଦଳକୁ ବିଜୟୀ କରାଇଥିଲେ। ବିସ୍ମୟ ସାହୁ ୨୫ ରନ କରିଥିଲେ। କେ.ଟି. ଗ୍ଲୋବାଲ କ୍ରିକେଟ୍ କ୍ଲବ ତରଫରୁ ବର୍କତୁଲାହ୍ ୨ଟି ୱିକେଟ ନେଇଥିଲେ। ମ୍ୟାଚ୍‌କୁ ପ୍ରଦୀପ କୁମାର ଜେନା ଓ ରହିମ୍ ଖାନ ପରିଚାଳନା କରିଥିବା ବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଥିଲେ। ମ୍ୟାଚ୍ ରେଫରି ଭାବେ ରୋହିତ ସମୀର ବଳିଆରସିଂହ ଓ ସଂଯୋଜକ ଭାବେ ସୁଧୀର କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ।

# ଭୂଷଣ୍ଡପୁରରେ ବୋଇତବନ୍ଦାଣ

**ଭୂଷଣ୍ଡପୁର,୧୧।୧୧(ସମିସ):** ବାଲିପାଟପୁର ଗ୍ରାମର ମା'ମଙ୍ଗଳାଙ୍କ ପୀଠରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଛି। ପଞ୍ଚୁକ ୫ଦିନ ଧରି ମା'ମଙ୍ଗଳାଙ୍କ ପୀଠ ହେବ ଉତ୍ସବମୁଖର। ବୋଇତ ବନ୍ଦାଣ ପାଇଁ ଗ୍ରାମର ଆରାଧ ଠାକୁରାଣୀଙ୍କୁ ଏକ ବିରାଟ ପଟୁଆରରେ ସୁଶୋଭିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ବେଶ ମନମୁଗ୍ଧକର ଥିଲା କୁନିକୁନି ମୃଦଙ୍ଗ ବାଦକଙ୍କ ନାମ ସଂକୀର୍ତ୍ତନ। ବାଦ୍ୟର ତାଳେ ତାଳେ ନାଚି ମୃଦଙ୍ଗ ବଜାଇଥିଲେ କୁନିକୁନି କଳାକାର। ନାମ ସଂକୀର୍ତ୍ତନ ହରିବୋଲ ହୁଳହୁଳିରେ ମା'ମଙ୍ଗଳା ପୀଠରେ ଭକ୍ତି ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ୨୨ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଗ୍ରାମବାସୀ ବୋଇତବନ୍ଦାଣ ଉତ୍ସବକୁ ପାଳନ କରୁଥିବା କମିଟି ସଭାପତି ଦୟାନିଧି ବେହେରା, ସମ୍ପାଦକ ପ୍ରାଣନାଥ ବେହେରା, ଅଜୟ ବେହେରା ଓ ନାରାୟଣ ବେହେରା କହିଛନ୍ତି।



